ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.177 Bhubaneswar Sunday, August 29, 2021 | ୨୪ତମ ବର୍ଷ ସଂଖ୍ୟା-୧୭୭ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖତାର ଅବାସ ନକଭି ନୂଆଦିଲ୍ଲୀରେ ଭାରତର ସ୍ୱାଧୀନତା ୭୫ ବର୍ଷର ଆଜାଦି କା ଅମୃତ ମହୋତ୍ସବଙ୍କ ଅଂଶ ଭାବରେ 'ମେରା ୱାଟନ, ମେରା ଚାମନ' ମୁଶାଇରା ଉଦ୍‌ଘାଟନ କରୁଛନ୍ତି

## ସଦାଶିବପୁରରେ 'କମନ୍ ୟୁଜର୍ ପେଟ୍ରୋଲିୟମ ଫାସିଲିଟି'ର ଭୂମିପୂଜନ: ଢେଙ୍କାନାଳ ଓ ପଡ଼ୋଶୀ ଜିଲ୍ଲାରେ ଶିଳ୍ପାୟନର ଅଭିବୃଦ୍ଧିରେ ବଡ଼ ଭୂମିକା ନେବ ତୈଳ ଟର୍ମିନାଲ : ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ/ଅନୁଗୁଳ/ଭୁବନେଶ୍ୱର, ୨୮।୮(ପି.ଏନ): ଢେଙ୍କାନାଳ ଜିଲ୍ଲା ତେନ୍ତୁଳିପଡାର ସଦାଶିବପୁର ଠାରେ 'କମନ୍ ୟୁଜର୍ ପେଟ୍ରୋଲିୟମ ଫାସିଲିଟି'ରେ ନିର୍ମାଣ ହେବାକୁ ଥିବା ତୈଳ ଟର୍ମିନାଲ ଆଗାମୀ ୩୦ ରୁ ୪୦ ବର୍ଷ ପର୍ଯ୍ୟନ୍ତ ଢେଙ୍କାନାଳର ବଢୁଥିବା ଶିଳ୍ପାୟନରେ ବଡ଼ ଭୂମିକା ନେବା ସହ ଏହି ପ୍ରକଳ୍ପ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ସମେତ ଅନୁଗୁଳ, ଦେବଗଡ଼, କେନ୍ଦୁଝର ଓ ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ ସାମଗ୍ରୀ ଚାହିଦାକୁ ପୂରଣ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପାରାଦୀପ ଧାମରାରୁ ତାଳଚେର ପର୍ଯ୍ୟନ୍ତ ଜଳପଥ ହେବ ଏବଂ ଏହି ପଥରେ ଷ୍ଟିମର ଚାଲିବା ନେଇ ମଧ ଭାରତ ସରକାରଙ୍କ ଯୋଜନା ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି 'କମନ୍ ୟୁଜର୍ ପେଟ୍ରୋଲିୟମ ଫାସିଲିଟିର' ଭୂମିପୂଜନ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଭିଡିଓ କନଫରେନ୍ସିଂରେ ଉପସ୍ଥିତ ରହିଥିବା ବେଳେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, କେନ୍ଦୁଝର ଜିଲ୍ଲା ଗୁଡ଼ିକ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ। ଏହାସହ ଟାଟା ଷ୍ଟିଲ, ନାଲକୋ, ଜିନ୍ଦଲ ଇଣ୍ଡିଆ ଥର୍ମାଲ ପ୍ଲାଂଟ୍ ଏବଂ ଏନଟିପିସି ଭଳି ବଡ଼ ବଡ଼ ଶିଳ୍ପ କମ୍ପାନୀ ଏଠାରେ ପ୍ରତିଷ୍ଠିତ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅପାର ସମ୍ଭାବନାର ଅଂଚଳ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାକୁ ଅଗ୍ରଣୀ ଅଂଚଳ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ଆଗାମୀ ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଶିଳ୍ପ କମ୍ପାନୀ ଦ୍ୱାରା ପରିବହନ ହେଉଥିବା ଟ୍ରକ ଗୁଡ଼ିକ ବିଭିନ୍ନ ଷ୍ଟେସନରୁ ପେଟ୍ରୋଲିୟମଜାତ ସାମଗ୍ରୀ ଏବଂ ଇଥାନଲ, ଏଲଏନଜି ନେବାରେ ସହଜ ହେବ। ଏହା ଦ୍ୱାରା ସ୍ଥାନୀୟ ଅଂଚଳରେ ଶିଳ୍ପାୟନର ସାମଗ୍ରିକ ବିକାଶରେ ବଡ଼ ଭୂମିକା ଗ୍ରହଣ କରିବ । ଏହାବ୍ୟତିତ ଢେଙ୍କାନାଳ ଏବଂ ଅନୁଗୁଳ ହାଇଡ୍ରୋଜେନ୍ ଆଧାରିତ ଅର୍ଥନୈତିକ ପେଣ୍ଠସ୍ଥଳି ହେବ।ଏହି ୩୯୫ କୋଟି ଟଙ୍କାର ପ୍ରକଳ୍ପ ୩ଟି ତୈଳ ବିପଣନ କମ୍ପାନୀ ଯଥା ଇଣ୍ଡିଆନ ଅଏଲ, ବିପିସିଏଲ, ଏଚପିସିଏଲ ବ୍ୟବହାର କରିବେ। ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ୪୨ ହଜାର କିଲୋ ଲିଟର କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଷ୍ଟୋରେଜ୍ ଡ଼ିପୋ ବା ତୈଳ ଟର୍ମିନାଲ ନିର୍ମାଣ କରାଯିବ। ୫୦ ଏକର ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ତୈଳ ଡିପୋରେ ପେଟ୍ରୋଲ, ଡ଼ିଜେଲ, ଇଥାନଲ ଏବଂ ବାୟୋ ଡ଼ିଜେଲ ସଂରକ୍ଷିତ ରଖିବା ସହ ଆଖପାଖ ଜିଲ୍ଲାରେ ଯୋଗାଣ କରାଯିବ।ଇଣ୍ଡିଆନ ଅଏଲର ପାରାଦୀପ-ରାଂଚି -ରାୟପୁର ପାଇପଲାଇନରୁ ୧୯ କିମି ଦୂରରୁ ଏହି 'କମନ୍ ୟୁଜରଫାସିଲିଟି' ସହ ସଂଯୋଗ କରାଯାଇ ପେଟ୍ରୋଲିୟମ ସାମଗ୍ରୀ ଯୋଗାଇ ଦିଆଯିବ। ଏହାସହ ଆଗାମୀ ଦିନରେ ରେଳପଥ ମାଧ୍ୟମରେ ପେଟ୍ରୋଲିୟମ ସାମଗ୍ରୀ ମଧ ଯୋଗାଇବାର ଯୋଜନା ରହିଛି। ସଦାଶିବପୁର ତେନ୍ତୁଳିପଡା ଠାରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀ ଯୋଗାଇବାରେ ସହାୟକ ହେବା ସହ ପାରାଦୀପ ଠାରୁ ପେଟ୍ରୋଲିୟମ ସାମଗ୍ରୀ ପରିବହନ ପାଇଁ ହେଉଥିବା ଅତିରିକ୍ତ ଖର୍ଚ୍ଚକୁ ମଧ ହ୍ରାସ କରିବ। ଯାହାର ଲାଭ ଉପଭୋକ୍ତାଙ୍କୁ ମିଳିବ। ଏହି ପ୍ରକଳ୍ପ ନିର୍ମାଣ ହେବା ସମୟରେ ଏହା ଦ୍ୱାରା ପାଖାପାଖି ୨ ଲକ୍ଷ ମାନବ ଦିବସର ରୋଜଗାର ସୃଷ୍ଟି ହେବ ଏବଂ ସ୍ଥାନୀୟ ଅଂଚଳର ଅର୍ଥନୀତିରେ ଅଭିବୃଦ୍ଧି ଘଟିବା ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ହିନ୍ଦୋଳ ବିଧାୟକା ଶ୍ରୀମତି ସୀମାରାଣୀ ନାୟକ, ବିପିସିଏଲର ଚେୟାରମ୍ୟାନ ଏବଂ ମ୍ୟାନେଜିଙ୍ଗ୍ ଡାଇରେକ୍ଟର କେ. ପଦ୍ମାକର, ବିପିସିଲର ମାର୍କେଟିଂ ଡାଇରେକ୍ଟର ଅରୁଣ କୁମାର ସିଂହ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଗୋଟିଏ ଦିନରେ ୭୭୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୭୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୫୬୫୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୦୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୯୮୪୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୯୯୬ ରହିଛି । ଆଜି ଚିହ୍ନଟ ହୋଇଥିବା ୭୭୯ ଜଣଙ୍କ ମଧ୍ୟରୁ ୪୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୯ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୮୪, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି । ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୧ ଜଣ, ଯାଜପୁରରୁ ୩୪ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୨୧ ଜଣ, କେନ୍ଦୁଝରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୫୯ ଜଣ, କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୭ ଜଣ, ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୧୮ ଜଣ, ନୂଆପଡ଼ାରୁ ୨ ଜଣ, ପୁରୀରୁ ୩୯ ଜଣ, ରାୟଗଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୩ ଜଣ, ସୋନପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୦ ଜଣ ଓ ଷ୍ଟେଟ୍ ପୁଲରୁ ୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଇ-ଯାନ ଉପରେ ରିହାତି ଘୋଷଣା କଲେ ସରକାର

ଭୁବନେଶ୍ୱର, ୨୮।୮(ପି.ଏନ): ବିଦ୍ୟୁତ୍ ଚାଳିତ ଗାଡ଼ି କିଣିଲେ ମିଳିବ ରିହାତି। ଇ- ଯାନ ଉପରେ ରାଜ୍ୟ ସରକାର ରିହାତି ଘୋଷଣା କରିଛନ୍ତି। ଦୁଇ ଚକିଆ ଯାନ କିଣିଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ୩ ଚକିଆ ଯାନ କିଣିଲେ ୧୦ ହଜାର ଏବଂ ୪ ଚକିଆରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ନନ୍ ଏସି ବସ୍ ରେ ୨ ଲକ୍ଷ ଏବଂ ଏସି ଡିଲକ୍ସ ବସ୍ ରେ ୪ ଲକ୍ଷ ପର୍ଯ୍ୟନ୍ତ ରିହାତି ମିଳିବ। ସରକାରୀ କର୍ମଚାରୀଙ୍କୁ ଶତ ପ୍ରତିଶତ ସୁଧ ରିହାତି ଋଣ ଦିଆଯିବ। ଇ-ଯାନ ନୀତି ପ୍ରଦୂଷଣ ରୋକିବାରେ ସକ୍ଷମ ହେବ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଇ- ଯାନ ପଲିସି ଉପରେ ଗତକାଲି କ୍ୟାବିନେଟ୍ ନିଷ୍ପତି ହୋଇଥିଲା। ଏହି ନୀତି ଅନୁସାରେ ବୈଦ୍ୟୁତିକ ଯାନ ଓ ଏହାର ଯନ୍ତ୍ରାଂଶ ଏବଂ ବ୍ୟାଟେରୀ ଉତ୍ପାଦନକାରୀ ଉଦ୍ୟୋଗୀଙ୍କୁ ଉତ୍ସାହିତ କରାଯିବ। ବୈଦ୍ୟୁତିକ ଯାନର ନବୀକରଣ ଓ ଗବେଷଣାକୁ ମଧ ପ୍ରୋତ୍ସାହନ ଯୋଗାଇ ଦିଆଯିବ।

### ପାର୍ବଣ ଋତୁ ପାଇଁ ଆସିବ ନୂଆ ଗାଇଡଲାଇନ

ଭୁବନେଶ୍ୱର, ୨୮।୮(ପି.ଏନ): ରାଜ୍ୟରେ ଦୈନିକ ସଂକ୍ରମଣ ଏବେ ନିୟନ୍ତ୍ରଣରେ ଅଛି, ହେଲେ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପାର୍ବଣ ଋତୁ ପାଇଁ ନୂଆ ଗାଇଡଲାଇନ ଆଣିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି କେରଳରେ ବହୁଦିନ ହେବ ସଂକ୍ରମଣ ହାର ଅଧିକ ରହିଛି। ଜାତୀୟ ସ୍ତରରେ ଯେତିକି ସଂକ୍ରମଣ ବୃଦ୍ଧି ପାଉଛି ସେଥିରେ କେରଳରେ ଅଧିକ ରହୁଛି। ତାକୁ ତୃତୀୟ ଲହର ବୋଲି ମଧ କହିପାରିବା। ଓନମ ପର୍ବ ଯୋଗୁ କେରଳରେ ସଂକ୍ରମଣ ବୃଦ୍ଧି ପାଇଛି। ତେଣୁ ସେଥିରୁ କିଛି ଶିଖିବା ଦରକାର ।ପାର୍ବଣ ଋତୁରେ କୋଭିଡ ଗାଇଡଲାଇନ ମାନି ଚଳିବା ଆବଶ୍ୟକ। ରାଜ୍ୟରେ ଯେପରି ସଂକ୍ରମଣ ନିୟନ୍ତ୍ରଣରେ ରହିବ, ରୋଗୀ ଗୁରୁତର ନ ହେବେ, ସେଥିପାଇଁ ସର୍ଭିଲାନ୍ସ ଜାରି ରହିଥିବା କହିଛନ୍ତି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ। ମନିଟରିଂ ମଧ କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପାର୍ବଣ ପାଇଁ କଟକଣା ଜାରି ରଖିବା ଲାଗି ରାଜ୍ୟମାନଙ୍କୁ କୁହାଯାଇଛି। ରାଜ୍ୟ ସରକାର ଏହା ଉପରେ ନଜର ରଖିଛନ୍ତି। ସବୁ ତଥ୍ୟକୁ ଆଧାର କରି ସେପ୍ଟେମ୍ବର ମାସରେ ନୂଆ କୋଭିଡ ଗାଇଡଲାଇନ ଆସିବ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର।

## ଏସ୍‌ଟିପିଆଇ ପରିଦର୍ଶନ କଲେ ସୁବ୍ରତ ବାଗ୍‌ଚୀ

ଭୁବନେଶ୍ୱର, ୨୮।୮(ପି.ଏନ): ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତ ବାଗ୍ ଚୀ ଭୁବନେଶ୍ୱରସ୍ଥିତ ସଫଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ସେ ବାର ଜଣ ଓଡିଆ ଷ୍ଟାର୍ଟ ଅପ୍ ଙ୍କ ସହ ଆଲୋଚନା କରିଥିଲେ ।ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ଶ୍ରୀ ବାଗ୍‌ଚୀ ଏହି ଅବସରରେ କହିଥିଲେ ଯେ ଏସ୍‌ଟିପିଆଇ ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ କରୁଛି ଏବଂ ଓଡିଆ ଷ୍ଟାର୍ଟ ଅପ୍ ମାନଙ୍କ ଦ୍ୱାରା ଉଦୀୟମାନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶ୍ୱସ୍ତରୀୟ ସଫଟୱେର ଉତ୍ପାଦ ପ୍ରସ୍ତୁତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ସେ ବାର ଜଣ ଷ୍ଟାର୍ଟ ଅପ୍ ଙ୍କ ସହ ନିଜର ଉଦ୍ୟୋଗ ଯାତ୍ରା ବିଷୟରେ ଆଲୋଚନା କରି ଏହି ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ଯେପରି ଅଧିକରୁ ଅଧିକ ଯୁବକଯୁବତୀ ସାମିଲ ହେବେ ସେଥିନିମନ୍ତେ ପରାମର୍ଶ ଦେଇଥିଲେ ।ସେଠାରେ ସେ ଏସ୍‌ପିକେ-ମାକ୍ ଟେକ୍ନୋଲୋଜି, ଥିଙ୍କ୍ ର ଇନୋଭେଟିଭ ସଲୁସନ୍ସ, ଏଫ୍‌ଏକ୍ସ ୟୁଏଭି ଟେକ୍ନୋଲୋଜି, କାରବୋନୌଟ, ଇସାମ୍ସ, କ୍ୱିବିଚ୍, ପ୍ରାଇମ୍, ଡାରୱିନ୍ ଏନର୍ଜି ଏବଂ ଥିଙ୍କ୍ ଟ୍ୟାଙ୍କର ଏକାଡେମୀ ଷ୍ଟାର୍ଟ ଅପ୍ ର ବିଭିନ୍ନ ଉତ୍ପାଦ ବୁଲି ଦେଖିଥିଲେ । ସୂଚନା ଥାଉ କି ରାଜ୍ୟ ସରକାରଙ୍କ ଷ୍ଟାର୍ଟ ଅପ୍ ଓଡିଶା ଏହି ଉଦୀୟମାନ ଯୁବ ଷ୍ଟାର୍ଟ ଅପ୍ ମାନଙ୍କୁ ଏସ୍‌ଟିପିଆଇର ଇନକ୍ୟୁବେସନ ସେଂଟରଠାରେ ନିଜର ଉତ୍ପାଦ ପ୍ରସ୍ତୁତ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି । ଏହି ଇଲେକେଫ୍ରାପ୍ରିନିୟର ପାର୍କରେ କୃଷି ଏବଂ ମତ୍ସ୍ୟ ଚାଷ, ସୌର ଉତ୍ପାଦ, ୟୁଏଭି, ଇଲୁମିନେଟେଡ ଟାଇଲ, ଟ୍ରାଇ ମୋଡ୍ ଡ୍ରୋନ୍, ସ୍ୱୟଂଚାଳିତ ୟୁଭିସି ବିଶୋଧନ ରୋବୋଟ୍ ଓ ଔଷଧ ବିତରଣ ଯନ୍ତ୍ର, ଅତ୍ୟାଧୁନିକ ଆଇଓଟି ପର୍ଯ୍ୟବସିତ ପାନୀୟ ଯନ୍ତ୍ର, ଭିୱିନ ଟାଇଲ ଭଳି ଉତ୍ପାଦ ଆମ ଓଡିଆ ଯୁବ ଷ୍ଟାର୍ଟ ଅପ୍ ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି ଗସ୍ତରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ୧୦ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୮।୮(ପି.ଏନ): ଆଜି ଉତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପରେ ରହିଥିବା ଏକ ଘୂର୍ଣ୍ଣବଳୟ ସମୁଦ୍ର ପତନଠାରୁ ୫.୮ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି ଏବଂ ଏହା ଦକ୍ଷିଣ ଆଡ଼କୁ ଢଳି ରହିଛି। ଏହାର ପ୍ରଭାବରେ ଆସନ୍ତାକାଲି ଉତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ଓ ମୌସୁମୀ ସକ୍ରିୟ ହେବ। ଏହାର ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଓଡ଼ିଶାର ୧୦ଟି ଜିଲ୍ଲାରେ ଆଗାମୀ ୨୪ଘଂଟା ମଧ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳର ଗୋଟେ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏନେଇ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ କୋରାପୁଟ,

## ରାଜଧାନୀରେ ୨୪ ଘଂଟାରେ ୧୮୭ପଜିଟିଭ୍

ଭୁବନେଶ୍ୱର, ୨୮।୮(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୧୮୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୪୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୬୨୬୬ କୁ ବୃଦ୍ଧି ପାଇଛି।

## ଅଭିନେତା ବବି ମିଶ୍ରଙ୍କୁ ନୋଟିସ୍ ଦେଇ ଛାଡିଲା ପୋଲିସ୍

ଭୁବନେଶ୍ୱର, ୨୮।୮(ପି.ଏନ): ପଡୋଶୀ ସହ ଝଗଡାକୁ ନେଇ ଥାନାରେ ଅଭିନେତା ବବି ମିଶ୍ର। ଭୁବନେଶ୍ୱରର ନୟାପଲ୍ଲୀ ଥାନାକୁ ଡାକି ତାଙ୍କୁ ପଚରାଉଚରା କରୁଛି ପୋଲିସ୍ ।ବବିଙ୍କ ସହି ପୁଲିସ୍ ତାଙ୍କ ପଡ଼ୋଶୀଙ୍କୁ ମଧ ଥାନାକୁ ଡାକି ପଚରାଉଚରା କରୁଛି। ଗାଡ଼ି ପାର୍କିଂରୁ ଝଗଡା ହୋଇଥିଲା। ତେବେ ସନ୍ଧ୍ୟାରେ ପୋଲିସ୍ ବବିଙ୍କୁ ନୋଟିସ୍ ଦେଇ ଛାଡିଥିବା ସୂଚନା ମିଳିଛି। ବବିଙ୍କ ପଡୋଶୀ ତପି ମିଶ୍ର ଅଭିଯୋଗ କରିଛନ୍ତି ଯେ ବିବାହ ବିଚ୍ଛେଦ ପରଠୁ ସେ ବହୁ ଅପସେଟ୍ ରହୁଛନ୍ତି । ଗତକାଲି ସେ ଜାଣିଶୁଣି ମୋ ସହ ଗଣ୍ଡଗୋଳ କଲେ। ମୁଁ ଥାନାକୁ ଆସିଥିବା ବେଳେ ମୋ ଗେଟ୍ କୁ ଗୋଇଠା ମାରି ଗଣ୍ଡଗୋଳ କଲେ। ତାକୁ ମାରିକି ଆଜି ରାତିରେ ତୋତେ ବାହା ହେବି ବୋଲି ମୋ ପତ୍ନୀଙ୍କୁ କହିଲେ। ଏପରିକି ଗ୍ୟାଙ୍ଗଷ୍ଟାର ନାଁ ନେଇ ଧମକ ଦେଲେ। ତେଣୁ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛି ।ଅନ୍ୟପକ୍ଷରେ ପଡ଼ୋଶୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅଭିନେତା ବବି ମିଶ୍ର। ସେ କହିଛନ୍ତି ଯେ ତାଙ୍କ ନାଁରେ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ମିଛ। ତାଙ୍କ ପାଖରେ ବନ୍ଧୁକ ନାହିଁ କି ସେ କୌଣସି ଗ୍ୟାଙ୍ଗଷ୍ଟରଙ୍କ ନାଁ ନେଇ ତାଙ୍କ ପଡ଼ୋଶୀଙ୍କୁ ଧମକ ଦେଇ ନାହାନ୍ତି। ବବି କହିଛନ୍ତି, ଗ୍ୟାରେଜରେ ଗାଡ଼ି ରଖିବାକୁ ନେଇ ଗତକାଲି ତପି ମିଶ୍ରଙ୍କର ଝଗଡ଼ା ହୋଇଥିଲା। ସେ ମୋ ସାନ ଭାଇ ପରି। ମୁଁ ତା' ସ୍ତ୍ରୀକୁ ନିଜ ସାନ ଭଉଣୀ ପରି ଦେଖେ। ହେଲେ ସେ ଏପରି ତଳକୁ ଖସି ଅଭିଯୋଗ କରିବ ବୋଲି ଭାବି ନ ଥିଲି।











# ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

# ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

# ଚର୍ଚ୍ଚାରେ ‘ହରାମ୍‌ଖୋର’



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ



ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା ।



ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପାଣି ପାଇଁ ବିବାଦ : ବିଶ୍ୱ ଦୃଶ୍ୟପଟ୍ଟ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୧୬ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିଲେ ବିଶ୍ୱ ଜଳ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଯଥାର୍ଥ ପ୍ରତିପାଦିତ ହୁଅନ୍ତା। ଆସନ୍ତୁ ଆଜି ବିଶ୍ୱଜଳ ଦିବସର ଅବସରରେ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

ମିଳିତ ଜାତିସଂଘ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଦୁନିଆରେ ୮୨ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି। ମନୁଷ୍ୟ ବଞ୍ଚି ରହିବା ପାଇଁ ମୌଳିକ ଆବଶ୍ୟକତା ମଧ୍ୟରେ ଜଳ ସାମିଲ। ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଆଶଙ୍କା କରାଯାଉଛି ଆଗାମୀ ବିଶ୍ୱଯୁଦ୍ଧ ବୋଧେ ଜଳ ପାଇଁ ହେବ। ଏହି ଆଶଙ୍କା ସତ ହେବାର ଅନେକ କାରଣ ବି ଅଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି, ୨୦୨୫ ମସିହା ସୁଦ୍ଧା ଦୁନିଆର ଦୁଇ-ତୃତୀୟାଂଶ ଦେଶରେ ପାଣିର ଉତ୍କଟ ଅଭାବ ଦେଖାଯିବ। ଏକ୍ଷେତ୍ରରେ ଯୁଦ୍ଧର ବିପଦ ଏସିଆ ମହାଦେଶରେ ସବୁଠାରୁ ଅଧିକ। କାରଣ ନଦୀ ଜଳ ବଣ୍ଟନକୁ ନେଇ ଭାରତର ତିନି ପଡ଼ୋଶୀ ଦେଶ ପାକିସ୍ତାନ, ଚୀନ ଓ ବାଙ୍ଗଲାଦେଶ ସହ ବିବାଦ ଅଛି।





**ଭାରତ-ପାକିସ୍ତାନ:** ଭାରତ ଓ ପାକିସ୍ତାନ ମଧ୍ୟରେ ବହୁଥିବା ସିନ୍ଧୁ, ଚେନାବ, ରାବି, ଝେଲମ ଓ ସତଲେଜ ନଦୀର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ଅସନ୍ତୋଷ ଅଛି। ପାକିସ୍ତାନ ସବୁବେଳେ ଅଭିଯୋଗ କରୁଛି ଭାରତର ଅବୈଧ ଭାବରେ ଜାମ୍ମୁ-କାଶ୍ମୀରରେ ବନ୍ଧ ନିର୍ମାଣ କରି ପାକିସ୍ତାନକୁ ଜଳ ସମ୍ପଦରୁ ବଞ୍ଚିତ କରୁଛି। ପାକିସ୍ତାନ କହୁଛି, ଏହା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାରେ ସଙ୍କଟ ସୃଷ୍ଟି ହେବ ଏବଂ ଏଥିରେ ସମଗ୍ର ଉପମହାଦେଶର ଶାନ୍ତି ବ୍ୟାହତ ହେବ। ଅବଶ୍ୟ ଭାରତ ପାକିସ୍ତାନର ସବୁ ଆରୋପକୁ ଖଣ୍ଡନ କରିଆସୁଛି। ବିଶେଷଜ୍ଞଙ୍କ ମତାନୁଯାୟୀ, ପାଣି ଏମିତି ଏକ ପ୍ରସଙ୍ଗ ଯାହାପାଇଁ ଦୁଇ ଦେଶ ମଧ୍ୟ ସଂଘର୍ଷ ହୋଇପାରେ। ସୂଚନାଯୋଗ୍ୟ ଦୁଇ ଦେଶ ମଧ୍ୟରେ ଆଜି ପର୍ଯ୍ୟନ୍ତ ତିନୋଟି ଯୁଦ୍ଧ ହୋଇସାରିଲାଣି। ୧୯୬୦ରେ ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଜଳ ସନ୍ଧି ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ଭାରତ କୌଣସି ପରିସ୍ଥିତିରେ ମଧ୍ୟ ସିନ୍ଧୁ ନଦୀର ଗତିପଥ ବଦଳାଇବ ନାହିଁ। କାରଣ ସିନ୍ଧୁ ନଦୀର ଉତ୍ପତ୍ତି ଭାରତରୁ କିନ୍ତୁ ଏହାର ମୁଖ୍ୟ ଭାଗ ପ୍ରବାହିତ ହେଉଛି ପାକିସ୍ତାନରେ। ପାକିସ୍ତାନରେ ଏହା ଜୀବନଧାରା। ଯଦି ଭାରତ ଏହାର ଗତିପଥ ରୋକିଦିଏ ବା ବଦଳାଇ ଦିଏ ତେବେ ଅର୍ଦ୍ଧେକ ପାକିସ୍ତାନରେ ମରୁଡ଼ି ପରିସ୍ଥିତି ପଡ଼ିଯିବ। ଅବଶ୍ୟ ଭାରତ ଏ ପର୍ଯ୍ୟନ୍ତ ଏହି ସନ୍ଧି ଉଲ୍ଲଂଘନ କରିନାହିଁ।

**ଭାରତ-ଚୀନ:** ବ୍ରହ୍ମପୁର ନଦୀ ଜଳକୁ ନେଇ ଭାରତ-ଚୀନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଚୀନ ଆସାମ ନିକଟରେ ବ୍ରହ୍ମପୁତ୍ର ନଦୀ ଉପରେ ବନ୍ଧ ନିର୍ମାଣ କରୁଛି। ଏହାଦ୍ୱାରା ଭବିଷ୍ୟତରେ ବ୍ରହ୍ମପୁତ୍ର ଶୁଖିଯିବାର ବିପଦ ଅଛି। ଆଗକୁ ଏହାର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ମଧ୍ୟ ହୋଇପାରେ। ଚୀନ ବ୍ରହ୍ମପୁତ୍ର ଉପରେ ତିନୋଟି ବନ୍ଧ ନିର୍ମାଣ କରୁଛି। ଏଥିରୁ ଏହା ବିଦ୍ୟୁତ୍ ଉତ୍ପାଦନ କରିବାକୁ ଚାହୁଁଛି। ମାତ୍ର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହି ବନ୍ଧ ନିର୍ମାଣ ଦ୍ୱାରା କେବଳ ଭାରତରେ ନୁହେଁ ବାଙ୍ଗଲାଦେଶ ଓ ଭୁଟାନରେ ମଧ୍ୟ ବନ୍ୟାର ଆଶଙ୍କା ବଢ଼ିଯିବ। ଚୀନ ବ୍ରହ୍ମପୁତ୍ରର ପ୍ରବାହ ପଥ ବଦଳାଇଲେ ବାଙ୍ଗଲାଦେଶରେ ବନ୍ୟା ପରିସ୍ଥିତି ଉତ୍କଟ ହୋଇଯିବ। ଏବେ ଭାରତ ଓ ଚୀନ ମଧ୍ୟରେ ବ୍ରହ୍ମପୁତ୍ର ଜଳ ବିଭାଜନକୁ ନେଇ ଆଲୋଚନା ଚାଲିଛି। ମାତ୍ର ଚୀନ ଯେ ଭାରତର କଥା ରଖିବ ତାହା ଜଣାପଡୁନି।

**ଭାରତ-ବାଙ୍ଗଲାଦେଶ:** ପାଣିକୁ ନେଇ ଭାରତ ବାଙ୍ଗଲାଦେଶ ଭିତରେ ବି ଯୁଦ୍ଧ ହୋଇପାରେ। କାରଣ ଗଙ୍ଗାଜଳ ବିଭାଜନକୁ ନେଇ ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ବିବାଦ ଅଛି। ପ୍ରତିବର୍ଷ ଦୁଇ ଦେଶର ବରିଷ୍ଠ ଅଧିକାରୀଙ୍କ ବୈଠକ ହେଉଛି କିନ୍ତୁ କିଛି ଠୋସ୍ ପରିଣାମ ନାହିଁ। ୧୯୯୬ରେ ଭାରତ-ବାଙ୍ଗଲାଦେଶ ମଧ୍ୟରେ ଗଙ୍ଗାଜଳ ବଣ୍ଟନକୁ ନେଇ ଏକ ୩୦ ବର୍ଷିଆ ବୁଝାମଣା ହୋଇଥିଲା। ତଥାପି ଦୁଇ ଦେଶ ମଧ୍ୟରେ ଅଶାନ୍ତି ଓ ପାଣି ନେଇ ରାଜନୀତି ଚାଲିଛି। ଏସିଆ ମହାଦେଶ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ଜଳକୁ ନେଇ ବିବାଦ ଅଛି। ନଦୀ ଜଳକୁ ନେଇ ସେଗୁଡ଼ିକ ମଧ୍ୟରେ ବି ଯୁଦ୍ଧ ହୋଇପାରେ।

**ଆଫ୍ରିକା:** ଆଫ୍ରିକା ମହାଦେଶରେ ଇଜିପ୍ଟ-ୟୁଥୋପିଆ-ସୁଦାନ ମଧ୍ୟରେ ନଦୀକୁ ନେଇ ବିବାଦ ଅନେକ ବର୍ଷ ଧରି ଚାଲିଛି। ତିନୋଟି ଯାକ ଦେଶ ଦେଇ ନୀଳ ନଦୀ ପ୍ରବାହିତ ହେଉଛି। ଏହି ନଦୀର ଜଳ ବଣ୍ଟନକୁ ନେଇ ତିନି ଦେଶ ମଧ୍ୟରେ ଅଶାନ୍ତି ବେଳବେଳେ ଚରମସୀମାରେ ପହଞ୍ଚିଯାଉଛି।

**ମଧ୍ୟପ୍ରାଚ୍ୟ:** ମଧ୍ୟପ୍ରାଚ୍ୟର ମୁଖ୍ୟ ଦେଶ ଯଥା ଲେବାନନ୍, ସିରିଆ, ଇସ୍ରାଏଲ ଓ ଜୋର୍ଡ଼ାନ ମଧ୍ୟରେ ଅଧିକାଂଶ ସମୟରେ ଜୋର୍ଡ଼ାନ ଓ ୟରମୁଖର ମୁଖ୍ୟ ଶାଖା ନଦୀମାନଙ୍କର ଜଳକୁ ନେଇ ଟଣାଓଟରା ପରିସ୍ଥିତି ଥାଏ। ତେଣୁ ୧୯୮୫ରେ ଜାତିସଂଘ ପୂର୍ବତନ ସେକ୍ରେଟାରୀ ଜେନେରାଲ ବୁଟସ୍ ଘାଲି କହିଥିଲେ ମଧ୍ୟପ୍ରାଚ୍ୟରେ ଆଗାମୀ ବଡ଼ ଯୁଦ୍ଧର କାରଣ ରାଜନୀତି ନୁହେଁ ବରଂ ପାଣି ହେବ। ସେମିତି ୨୦୦୧ରେ ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନ୍ନାନ୍ କହିଥିଲେ ଭବିଷ୍ୟତରେ ବିଶୁଦ୍ଧ ଜଳର ଅଭାବ ହିଁ ଅନେକ ଯୁଦ୍ଧର ମୂଳ କାରଣ ହେବ। ୧୯୫୦-୬୦ ଦଶକରେ ବିଭିନ୍ନ ଦେଶ ମଧ୍ୟରେ ଜଳ ପାଇଁ ନାନା ପ୍ରକାରର ସଂଘର୍ଷ ହୋଇଥିଲା। ଉଭୟ କୋରିଆ ଏବଂ ଭିଏତ୍‌ନାମ ଯୁଦ୍ଧରେ ଜଳକୁ ହିଁ ଟାର୍ଗେଟ କରାଯାଇଥିଲା। ଉଭୟ ଯୁଦ୍ଧରେ ଚାଷୀମାନେ ହିଁ ବିବାଦର ମୁଖ୍ୟ କାରଣ ହୋଇଥିଲେ। କାରଣ ଜଳସେଚନ ପାଇଁ ସବୁଠାରୁ ଅଧିକ ଜଳ ଆବଶ୍ୟକ ହୁଏ। ୧୯୫୦-୫୧ରେ ଆମେରିକା ଉତ୍ତର କୋରିଆ ୟାଲୁ ନଦୀରେ ନିର୍ମିତ ହୋଇଥିବା ଜଳଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଉତ୍ତରକୋରିଆ ଆମେରିକାର ଭାସମାନ ନଦୀବନ୍ଧକୁ ନଷ୍ଟ କରିବା ପାଇଁ ହ୍ୱାଚୋନ ନଦୀବନ୍ଧରୁ ଜଳ ଛାଡ଼ି ଦେଇଥିଲା। ଏହାପରେ ଆମେରିକା ଏହି ନଦୀବନ୍ଧ ଉପରେ ବୋମାମାଡ଼ କରିଥିଲା। ୧୯୫୧-୫୩ରେ ଇସ୍ରାଏଲର ଏକ ଜଳ ପ୍ରୋଜେକ୍ଟକୁ ବିରୋଧ କରି ଦୁଇ ଦେଶ ମଧ୍ୟରେ ଗୁଳିମାଡ଼ ହୋଇଥିଲା। ୧୯୮୫ରେ ନୀଳନଦୀରେ ଏକ ଜଳସେଚନ ଯୋଜନାକୁ ବିରୋଧ କରି ଇଜିପ୍ଟ ସୁଦାନକୁ ସୈନିକ ପ୍ରେରଣ କରିଥିଲା। ମନେରଖନ୍ତୁ ଜଳର ଅଭାବ ମାନବ ଜାତି ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିବେ। ଜଳ ପାଇଁ ଦୁନିଆର ଅନେକ ରାଷ୍ଟ୍ରର ଅବସ୍ଥା ସଙ୍କଟାପନ୍ନ ହୋଇଛି। ବିଶ୍ୱ ପରିଦୃଶ୍ୟରେ ଦେଖିଲେ ଅନେକ ଚିନ୍ତାଜନକ ଦୃଶ୍ୟ ନଜରକୁ ଆସିବ। ଦୁନିଆରେ ପ୍ରାୟ ୭୮୭ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳେନି। ପ୍ରାୟ ଅଢ଼େଇ କୋଟି ଲୋକ ନିଜର ଦୈନିକ ଆବଶ୍ୟକତା ପୂରଣ ପାଇଁ ପାଣି ପାଆନ୍ତିନି। ଜଳ ପ୍ରଦୂଷଣ ଯୋଗୁଁ ପ୍ରାୟ ୧୬୦୦ ଜଳଜ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ଦୁନିଆର ୧୦ପ୍ରତିଶତ ଜଳସ୍ରୋତ ଅତ୍ୟଧିକ ଦୋହନ ଯୋଗୁଁ ଖାଲି ହୋଇଗଲାଣି। ଜାତିସଂଘର ପରିସଂଖ୍ୟାନ ଅନୁଯାୟୀ ଦୁନିଆର ୪୩ଟି ଦେଶରେ ୭୦୦ ବିଲିୟନ ଜନତା ଜଳାଭାବରେ ପୀଡ଼ିତ। ଆସନ୍ତୁ ବିଶ୍ୱ ଜଳଦିବସ ଅବସରରେ ଜଳ ସଂରକ୍ଷଣ ପାଇଁ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ଦେଖାଇବା।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

# କରୋନା ସମୟରେ ଓଡ଼ିଶାରେ ଆରଏସ୍ଏସ୍ ଦ୍ୱାରା ୩୦୬୨ ସ୍ଥାନରେ ସେବାକାର୍ଯ୍ୟ

ଭୁବନେଶ୍ୱର (ପିଏନ୍): କରୋନା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ତରଫରୁ ସ୍ୱୟଂସେବକମାନେ ସେବା ଭାରତୀ ତତ୍ତ୍ୱାବଧାନରେ ଏବଂ ଉତ୍କଳ ବିପନ୍ନ ସହାୟତା ସମିତି ମାଧ୍ୟମରେ ରାଜ୍ୟର ୩୦୬୨ ସ୍ଥାନରେ ସେବାକାର୍ଯ୍ୟ କରିଥିଲେ । ଏହି ସେବାକାର୍ଯ୍ୟରେ ୭୭୪୯ କାର୍ଯ୍ୟକର୍ତ୍ତା ସାମିଲ ଥିଲେ । ସ୍ୱୟଂସେବକମାନଙ୍କ ଦ୍ୱାରା ୩୨,୯୬୭ ରାସନ କିଟ୍, ୧,୮୨,୮୧୫ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍,୧,୯୦,୩୦୫ମାସ୍କ ବଂଟନ କରାଯାଇଥିଲା । ୧୨୭ ଷ୍ଟେ ହୋମରେ ସହାୟତା, ୨୦,୫୦୪ ପ୍ରବାସୀଙ୍କୁ ସହାୟତା, ୭୪୪ ୟୁନିଟ ରକ୍ତଦାନ, ୯୨,୬୦୦ ଜଣଙ୍କୁ କାଢା ବିତାରଣ କରାଯାଇଥିଲା । ୧୩୯୫ ଯାଜାବର ଲୋକଙ୍କୁ ସହାୟତା, ୨୧ଟି ଭୋଜନ ବିତରଣ କେନ୍ଦ୍ର ମାଧ୍ୟମରେ ୨୬,୯୮୩ ମଜଦୁରୁଙ୍କୁ ସହାୟତା, ୨୪ ଟି କେନ୍ଦ୍ର ମାଧ୍ୟମରେ ୧୭,୨୬୬ ଜଣ ବସ୍ ଓ ରେଳ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେହିପରି ସାରା ଭାରତ ବର୍ଷରେ ସେବା ଭାରତୀ ମାଧ୍ୟମରେ ଦେଶର ୯୨,୬୫୬ ସ୍ଥାନରେ ସେବା କାର୍ଯ୍ୟ ହୋଇଥିଲା । ଯେଉଁଥିରେ ୫,୬୦,୦୦୦ କାର୍ଯ୍ୟକର୍ତ୍ତା ସକ୍ରିୟ ଥିଲେ, ୭୩ ଲକ୍ଷ ରାସନ କିଟ୍ ବଂଟନ କରାଯାଇଥିଲା, ୪.୫ କୋଟି ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଥିଲା,୯୦ ଲକ୍ଷ ମାସ୍କ ବଂଟନ କରାଯାଇଥିଲା, ୨୦ ଲକ୍ଷ ପ୍ରବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ୨.୫ ଲକ୍ଷ ଯାଜାବର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସ୍ୱୟଂସେବକମାନେ ୬୦ ହଜାର ୟୁନିଟ ରକ୍ତଦାନ କରିଥିଲେ ବୋଲି ଆରଏସ୍ଏସ୍ ଓଡିଶା ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।




ଆଉ ମଧ୍ୟ ସୂଚନା ଦିଆଯାଇଛି ଯେ, ବେଙ୍ଗାଲୁରରେ ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଓଡିଶାରୁ ୧୫ ଜଣ କାର୍ଯ୍ୟକର୍ତ୍ତା ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ ଲାଇନ୍ ମାଧ୍ୟମରେ ୨୬ ଜଣ ଭାଗ ନେଇଥିଲେ । ୪୫୦ ଜଣ ନିର୍ବାଚିତ କେନ୍ଦ୍ରୀୟ ପ୍ରତିନିଧି ଏଥିରେ ଯୋଗ ଦେଇ ଥିଲେ । କରୋନା କାରଣରୁ ଅନ୍ୟ ୧୦୦୦ ସଦସ୍ୟ ୪୪ଟି ସ୍ଥାନରେ ଅନ୍ ଲାଇନ୍ ମାଧ୍ୟମରେ ଏହି ସଭାରେ ଭାଗନେଇଥିଲେ ।

ଚଳିତ ବର୍ଷ ବୈଠକରେ ସରକାର୍ଯ୍ୟବାହ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଦତାତ୍ରେୟ ହୋସବ୍ୱାଲେ ସରକାର୍ଯ୍ୟବାହ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କରୋନା ଅବଧିରେ ସମାଜର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଭାରତ ବିଶ୍ୱକୁ ଏକ ଉଦାହରଣ ଦେଇଥିଲା । ଭାରତ ମଧ୍ୟ ଟିକା ପ୍ରସ୍ତୁତ କରି ସାରା ବିଶ୍ୱକୁ ବିତରଣ କରିଛି । ଏହି ବିଷୟରେ ପ୍ରତିନିଧିସଭାରେ ଅଭିନନ୍ଦନ ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା । ଶ୍ରୀରାମ ମନ୍ଦିର ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । କରୋନା ଓ ଶ୍ରୀରାମ ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ହେବା ପରେ ଦୁଇଟି ପ୍ରସ୍ତାବ ମଧ୍ୟ ପାରିତ ହୋଇଛି ।

କୋଭିଡ ବିଷୟରେ ପାରିତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, କୋଭିଡ ମହାମାରୀ ସମୟରେ ସାରା ଭାରତ ଏକଜୁଟ ହୋଇ ଛିଡା ହୋଇଛି । ଏହି ସମୟ ମଧ୍ୟରେ ସମସ୍ତ ଆଗଧାଡିର କର୍ମଚାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ଦେଶ ଏବଂ ବିଶ୍ୱ ଶୀଘ୍ର ଏହି ସମସ୍ୟାରୁ ମୁକ୍ତି ପାଇବ ବୋଲି ପ୍ରତିନିଧି ସଭା ଆଶାକରେ । ଭେଂଟିଲେଟର, ପିପିକିଟ୍ , କରୋନା ପରୀକ୍ଷଣ ପ୍ରଣାଳୀର ଉପଲବ୍ଧି ଓ ଓ ସୁଲଭ ଦାମରେ ସ୍ୱଦେଶୀ କରୋନା ଟିକା ବିକାଶ ତଥା ଉତ୍ପାଦନ ମାଧ୍ୟମରେ ଭାରତ ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରିବାରେ ସକ୍ଷମ ହୋଇଛି । ଅଖିଳ ଭାରତୀୟ ପ୍ରତିନିଧି ସଭାର ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ଭାରତୀୟ ସମାଜ ଦୃଢତାର ସହିତ ଏହି ମହାମାରୀ ପ୍ରଭାବରୁ ମୁକ୍ତ ହୋଇ ଯଥାଶୀଘ୍ର ସାଧାରଣ ଭାବରେ ଜୀବନ ଯାପନ କରିବ ।

ଶ୍ରୀରାମ ମନ୍ଦିରକୁ ନେଇ ପାରିତ ହୋଇଥିବା ପ୍ରସ୍ତାବ ଉପରେ କୁହାଯାଇଛି ଯେ,ଶ୍ରୀରାମ ଜନ୍ମଭୂମିରେ ମାନନୀୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ସର୍ବସମ୍ମତ ନିର୍ଣ୍ଣୟ ପରେ ଶ୍ରୀରାମ ଜନ୍ମଭୂମି ଉପରେ ମନ୍ଦିର ନିର୍ମାଣ ପାଇଁ ଏକ ସାର୍ବଜନିକ ନ୍ୟାସ ‘ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର’ ଗଠନ କରାଯାଇଛି । ଯେତେବେଳେ ଏହି ନ୍ୟାସ ନିଧି ସମର୍ପଣ ଅଭିଯାନ ଆରମ୍ଭ କଲା ସେ ସମୟରେ ସଂଘର ସ୍ୱୟଂସେବକମାନେ ସହଯୋଗ କରିଥିଲେ । ଏହି ଅଭିଯାନ ପ୍ରମାଣ କରିଛି ଯେ ଶ୍ରୀରାମଙ୍କ ସହ ଭାରତରେ ରହୁଥିବା ଲୋକମାନେ କିପରି ଜଡିତ । ସମାଜର ସମସ୍ତ ବର୍ଗ ଏବଂ ଭିନ୍ନ ମତ ପନ୍ଥ ଏହି ଅଭିଯାନରେ ସହଭାଗି ହୋଇଛନ୍ତି । ଗ୍ରାମବାସୀ, ନଗରବାସୀ, ବନବାସୀ ଏବଂ ଗିରିବାସୀ ମାନଙ୍କର ବୈଭବଶାଳୀ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ସାଧାରଣ ଗରିବ ଜନତା ପର୍ଯ୍ୟନ୍ତ ସମସ୍ତେ ମିଶି ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସଂପୂର୍ଣ୍ଣ ଭାବରେ ନିଜ ନିଜର ସହଯୋଗ ପ୍ରଦାନ କରିଛନ୍ତି । ଏହି ଅସାଧାରଣ ଉତ୍ସାହ ଓ ଆକୁଣ୍ଠସହଯୋଗ ପାଇଁ ପ୍ରତିନିଧି ସଭା ସମସ୍ତ ରାମଭକ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି ।

ନିଧି ସମର୍ପଣ ଅଭିଯାନ ଏକ ଜନ ସଂପର୍କ ଅଭିଯାନରେ ପରିଣତ ହୋଇଥିଲା । ଏହି ଅଭିଯାନରେ ସାରା ଦେଶରେ ସ୍ୱୟଂସେବକମାନେ ୫,୪୫,୭୩୭ ସ୍ଥାନରେ ପହଂଚିଥିଲେ ଏବଂ ପ୍ରାୟ ୨୦ ଲକ୍ଷ କାର୍ଯ୍ୟକର୍ତ୍ତା ଏହି ସଂପର୍କ ଅଭିଯାନରେ ଲାଗିଥିଲେ । ଏହି ଅଭିଯାନ ମାଧ୍ୟମରେ ସ୍ୱୟଂସେବକମାନେ ଦେଶର ୧୨,୪୭,୨୧,୦୦୦ ପରିବାରରେ ପହଁଚି ସଂପର୍କ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଆଧାତ୍ମିକ ଜାଗରଣ, ରାଷ୍ଟ୍ରୀୟ ଏକତା, ସମାଜିକ ସମରସତା ଏବଂ ସଦଭାବ ତଥା ସମର୍ପଣର ବିକାଶ ହେବା ସହିତ ଦେଶର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇ ପାରିଛି ।

କରୋନା ସମୟରେ ଶାଖା ବନ୍ଦ ଥିଲା, କିନ୍ତୁ ସଂଘର ସ୍ୱୟଂସେବକମାନେ ସକ୍ରିୟ ଥିଲେ । କରୋନା କଟକଣା ଉଠିବା ପରେ ଭାରତରେ ୭୪,୦୦୦ ସଂଘ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ୧୫୬୫ଟି ଶାଖା ଲାଗୁଛି । ବର୍ତମାନ ପରିବାର ପ୍ରବୋଧନ, ଗୋ ସେବା, ପର୍ଯ୍ୟାବରଣ ସୁରକ୍ଷା ଏବଂ ସାମାଜିକ ସମରସତା ଗତିବିଧି ଆଦି କାର୍ଯ୍ୟକ୍ରମ ଚାଲୁଅଛି । ଆଗାମୀ ସମୟରେ ଗ୍ରାମ ବିକାଶ ଏବଂ ଜୈବିକ କୃଷି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ କାମ ଆରମ୍ଭ କରାଯିବ । ୧୩ ଅପ୍ରେଲରେ ସଂଘ ଭୂମି ସୁପୋଷଣ (ଭୂମି ପୁଷ୍ଟିକର) ଅଭିଯାନ ଆରମ୍ଭ କରିବାକୁ ଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି,ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଓ ଭାରତର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

## ବିଶ୍ୱ ଜଳଦିବସ: ବିହନ ପିଣ୍ଡୁଳାରେ ଜଳ ବଞ୍ଚିବାର ବାର୍ତ୍ତା




ଭୁବନେଶ୍ୱର (ପିଏନ୍): ମାର୍ଚ୍ଚ ୨୨ ତାରିଖକୁ ସାରା ବିଶ୍ୱ ଜଳ ଦିବସ ରୂପେ ପାଳନ କରୁଛି। ସମ୍ପ୍ରତି ସାରା ବିଶ୍ୱ ଦିନକୁ ଦିନ ଜଳସଙ୍କଟ ଆଡ଼କୁ ଗତି କରୁଛି। ଏହା ଚିନ୍ତାର ବିଷୟ ପାଲଟିଯାଇଛି। ପରିବେଶବିତ୍, ବୈଜ୍ଞାନିକମାନଙ୍କ ପାଇଁ କିପରି ଭାବେ ଏ ବିଶ୍ୱକୁ ଏ ସଙ୍କଟରୁ ଉଦ୍ଧାର କରିବେ ଦିନରାତି ଗବେଷଣା ବି ଚାଲିଛି। ଜନ ସଚେତନତା ବି ସୃଷ୍ଟି କରାଯାଉଛି। ଭୂତଳ ଜଳ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏବେଠାରୁ ପାଣି ପାଇଁ ଚାରିଆଡ଼େ ଲୋକେ ଡ଼ହଳ ବିକଳର ଦୃଶ୍ୟ ଦେଖିବାକୁ ମିଳିଲାଣି। ଭାଗବତ କୁହେ ପାଣି, ପବନ ଲାଗି ଦେହ, ଏଥୁ ଅଧିକେ କିଛି କୁହ। ଜଳ ବଞ୍ଚିଲେ ଜୀବନ ବଞ୍ଚିବ। ସେଥିପାଇଁ ଜଳର ଅନ୍ୟ ନାମ ଜୀବନ ବୋଲି କହିଥାଉ। ଏକ ବୁନ୍ଦା ଜଳ ଜଣେ ଶୋଷିଲା ଲୋକ ପାଇଁ ବହୁ ମଲ୍ୟବାନ। ଜାତିସଂଘ ଦ୍ୱାରା ହୋଇଥିବା ପରିସଂଖ୍ୟାନ ରିପୋର୍ଟ କୁହେ ପୃଥିବୀ ଜନସଂଖ୍ୟାର ୨.୧ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଆନ୍ତି ନାହିଁ। ପ୍ରତି ୪ଟି ପ୍ରାଥମିକ ସ୍କୁଲ୍‌ରୁ ୧ଟି ସ୍କୁଲ୍‌ରେ ନିରାପଦ ପାନୀୟ ଜଳର ସୁବିଧା ନଥାଏ। ପ୍ରାୟ ବର୍ଷକୁ ୫ ବର୍ଷରୁ କମ୍ ୭ଶହ ପିଲା ଅପରିଷ୍କାର ପାଣି ପିଇ ଡ଼ାଇରିଆ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ମାର୍ଟନଗରୀ ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଠାରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିଶ୍ୱ ଜଳ ଦିବସ ଅବସରରେ ବିହନ ପିଣ୍ଡୁଳାରେ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ମାଟି, ଖତ, ମଞ୍ଜିରେ ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ବିହନ ପେଣ୍ଡୁ ଗୁଡ଼ିକୁ ଗଛ ରୂପରେ ସ୍ଥାନିତ କରି ଜଳସଂରକ୍ଷଣ ଦିଗରେ ଗଛର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଯାହା ସେ ଏହି ବିହନ ପିଣ୍ଡୁଳାରେ ଦର୍ଶାଇଛନ୍ତି। ନିମ୍ନଗାମୀ ଜଳକୁ ରୋକିବାରେ ହେଉ, କି ଜଳ ସଞ୍ଚୟ ହେଉ, କି ପରିବେଶ ସନ୍ତୁଳନ ଦିଗରେ ଗଛର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି ସଙ୍କଟ ପରିସ୍ଥିତିରେ ବିହନ ପିଣ୍ଡୁଳାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସ୍ୱଳ୍ପ ଖର୍ଚ୍ଚ ଓ କମ୍ ସମୟରେ ସବୁଜିମା ସୃଷ୍ଟି କରିବା ଦିଗରେ ବିହନ ପେଣ୍ଡୁ ଅର୍ଥାତ୍ (ସିଡ୍‌ବଲ୍) ଏକମାତ୍ର ସାହା ଯାହା ଜଳ ସଙ୍କଟକୁ ରୋକିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଆଶା ପ୍ରକଟ କରିଛନ୍ତି। ଏଣୁ ପ୍ରତ୍ୟେକ ମଣିଷ ନିଜ ପାଇଁ ଓ ଭବିଷ୍ୟତର ପିଢୀ ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ କହିଛନ୍ତି।

## ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ କ୍ରୀଡା ଉପକରଣ ବଣ୍ଟନ



ଯୋଡା (ପିଏନ୍): ୧୫ତମ ଟାଟା ସ୍ୱେଚ୍ଛାସେବୀ ସପ୍ତାହ ପାଳନର ଅଂଶବିଶେଷ ଭାବେ ଟାଟାଷ୍ଟିଲ ଯୋଡ଼ାର ଅଧିକାରୀମାନେ ଗତ ଶନିବାର ଦିନ ‘ଆନ୍ତର୍ଜାତୀୟ ଖୁସି ଦିବସ’ ଅବସରରେ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧିନସ୍ଥ ଯୋଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ଭଲ ସମୟ ଅତିବାହିତ କରିଛନ୍ତି। ଏକ ହସଖୁସିଭରା ପରିବେଶରେ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ସହିତ ଅଧିକାରୀମାନେ ଛାତ୍ର ଛାତ୍ରୀମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ବ୍ୟାଟ୍, ଫୁଟବଲ, ଦୌଡ଼ି ଡିଆଁ, ବ୍ୟାଡ଼ମିଣ୍ଟନ ର୍ୟାକେଟ୍, ଫ୍ଲାଇଂ ଡିସ୍କ, ଚେସ୍ ବୋର୍ଡ଼ ଓ ଲୁଡୁ ଇତ୍ୟାଦି କ୍ରୀଡ଼ା ଉପକରଣ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କ ମୁହଁରେ ହସ ଫୁଟାଇପାରିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟାଟା ସ୍ୱେଚ୍ଛାସେବୀ ସପ୍ତାହ ଅନ୍ତର୍ଗତ ଯୋଡ଼ାଠାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ଆନନ୍ଦପୁର ରଥଦାଣ୍ଡରେ ସତ୍ୟନାରାୟଣ ପାଲା ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବଡଦାଣ୍ଡ ଠାରେ ଗତ ୧୫ତାରିଖ ଠାରୁ ବାଦିପାଲା ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ପାଲା କମିଟିର ସଭାପତି ଅନନ୍ତ ଚରଣ ସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି ବାଦିପାଲାରେ ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ୧୭ ତାରିଖ ଦିନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ୧୮ତାରିଖ ଦିନ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ ପାଲାପ୍ରେମୀଙ୍କୁ ଉତ୍ସାହିତ କରିଥିବା ବେଳେ ଶେଷ ଦିନରେ ସମାଜସେବୀ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପାଲା କମିଟିର ସମ୍ପାଦକ ଆଶିଷ କୁମାର ପଟ୍ଟନାୟକ, ସଦସ୍ୟ ସତ୍ୟାନନ୍ଦ ମିଶ୍ର, ପବିତ୍ରମୋହନ ବେହେରା, ହର ସାହୁ, ହରମୋହନ ଧଳ, ବାଇଧର ରାମ, ଦେବରଂଜନ ସାହୁ, ବରିଷ୍ଠ ସାମ୍ବାଦିକ ମଦନ ପାଣି, ଯୁବ ସାମ୍ବାଦିକ ଅଭିନ୍ନ ରଣା, ନିର୍ମଳ ଚନ୍ଦ୍ର ରାଉଳ, କିରଣ ପାଢୀ ପ୍ରମୁଖ ଉପସ୍ଥିତ ରହି ପାଲାରେ ସହଯୋଗ କରିଥିଲେ ।

## ସଫଳ ମାଛ ଚାଷୀ ଅମିତଙ୍କୁ ପୁରସ୍କୃତ

ଆନନ୍ଦପୁର (ପିଏନ୍): ସଫଳ ଯୁବ ମାଛଚାଷୀ ଅମିତ ମାଛଚାଷରେ ସଫଳତା ହାସଲ କରି ସେ ଆଜି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏପରିକି ଅନ୍ୟ ଯୁବପୀଢିଙ୍କ ପାଇଁ ପ୍ରେରଣାଦାୟୀ ପାଲଟିଥିବା କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଂଚାୟତ ମଙ୍ଗଳାଗଡିଆ ଗାଁର ଯୁବ ଚାଷୀ ଅମିତ ଜେନାଙ୍କୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ କୃଷି ଓଡିଶା-୨୦୨୧ କାର୍ଯ୍ୟକ୍ରମରେ ତାଙ୍କୁ କୃତୀ କୃଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଅମିତଙ୍କୁ ୧୦ହଜାର ଟଙ୍କା ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ବର୍ତ୍ତମାନର ଯୁବକଯୁବତୀ ଚାକିରୀ ପଛରେ ଗୋଡାଇ ନିରାଶ ହେବାପରେ ଘରେ ବସି ରହୁଥିବା ବେଳେ ଅମିତ ଜେନା ନିଜ ଇଚ୍ଛାଶକ୍ତି ବଳରେ ଆଜି ଆଗକୁ ବଢି ପାରିଛନ୍ତି । ଅମିତଙ୍କ ବାପା କୃଷି ବିଭାଗର କର୍ମଚାରୀ । କୃଷି କ୍ଷେତ୍ରରେ ବାପାଙ୍କ ପରାମର୍ଶ ଅନୁଯାୟୀ ପ୍ରଥମେ ୧.୨୫ ଏକର ପରିମିତ ଜମି ଉପରେ ପୋଖରୀ ଖନନ କରିଥିଲେ । ଏହାପରେ ପ୍ରଥମେ ୪ହଜାର ମାଛ ଯାଆଁଳ ଛାଡି ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାପରେ କିଛି ମାସ ମଧ୍ୟରେ ୨୩ କୁଇଣ୍ଟାଲ ମାଛ ଧରିଥିଲେ । ଏବେ ସେ ଅଧିକ ପରିମାଣରେ ମାଛ ଉତ୍ପାଦନ କରି ପାରୁଛନ୍ତି । ଆଗ୍ରହର ସହ କାର୍ଯ୍ୟ କଲେ ଗୋଟିଏ ବର୍ଷ ମଧ୍ୟରେ ମାଛଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିହେବ ବୋଲି ଅମିତ କହିଛନ୍ତି । ଅନ୍ୟପଟେ ମାଛଚାଷ ପାଇଁ ସରକାରଙ୍କ ତରଫରୁ ମଧ୍ୟ ବିଭିନ୍ନ ସହାୟତା ମିଳୁଛି । ମାଛକୁ ଦିନକୁ ୨ଥର ଦାନା ଦେବା ସହ ପ୍ରତି ସପ୍ତାହରେ ପୋଖରୀର ରକ୍ଷଣାବେକ୍ଷଣ କରିବା ପାଇଁ ଦୁଇଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି । ମାଛଚାଷ ସହିତ ବତକ ଓ କୁକୁଡା ଚାଷ କରିବେ ବୋଲି ଅମିତ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ।




# ବିଷବଳୟରେ ଭାରତର ସହର



ଭାରତର ୧୩ଟି ସହରର ପ୍ରଦୂଷଣର ମାତ୍ରା ସୀମା ଲଂଘିଛି। ବିଶ୍ୱ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ବେଳେ ଭାରତର ୧୩ଟି ସହର ସହର ଭିତରେ ରହିଛି। ଗୋଟିଏ ଭାରତରେ ଶିଳ୍ପ ବିକାଶ ପାଇଁ ଅହରହ ଏକ ବିଶ୍ୱସ୍ତରୀୟ ନିର୍ମାଣ କ୍ଷେତ୍ର ଭାବେ ରଖିଛନ୍ତି, ଅନ୍ୟପଟେ ପରିବେଶଗତ ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ଚିନ୍ତା ବଢୁଛି। ଦିଲ୍ଲୀ ସମେତ ପାଟନା, ପବନରେ ଏବେ ଭରିଯାଇଛି ବିଷ। ସ୍ୱାସ୍ଥ୍ୟ ସଂଗଠନ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଭାବେ ଗତବର୍ଷ ଘୋଷଣା କରିଥିବା ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ୨୦ଟି ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଜାରି ରଖିବା ସହ ଭାରତକୁ ପରିଗଣିତ କରିବାକୁ ଉଦ୍ୟମ ଜାରି ବିପଦ ଘନେଇବାରେ ଲାଗିଛି। ସହରର ବିଷାକ୍ତ ପବନକୁ ନେଇ ଏବେ ଗୋଆଲିୟର, ରାୟପୁର, ଅହମ୍ମଦାବାଦ, କାନପୁର, ଅମୃତସର, ଲୁଧିଆନା, ଆହ୍ଲାବାଦ ଏବଂ ଆଗ୍ରା ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବିପଜ୍ଜନକ ରହିଛି। ବିଷାକ୍ତ ପରିବେଶ ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିଛି। ବିଷାକ୍ତ ଗ୍ୟାସ, ଧୂଳି ଏବଂ ସୂକ୍ଷ୍ମ ପଦାର୍ଥ ପବନରେ ଭରିଯିବାରୁ ମଣିଷର ଶରୀର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇଛି। ଏସିଆର ଦ୍ୱିତୀୟ ସର୍ବବୃହତ୍ ଆର୍ଥିକ ଶକ୍ତି ଭାରତର ରାଜଧାନୀ ଏବେ ପ୍ରଦୂଷଣ ପାଇଁ ବଦନାମ ହେବାରେ ଲାଗିଛି।

ଦିଲ୍ଲୀ ସହର ଅବସ୍ଥା ଦିନକୁ ଦିନ ଅତି ଖରାପ ଆଡ଼କୁ ଯାଉଥିବାରୁ ସୁସ୍ଥ ପରିବେଶ ଓ ନିର୍ମଳ ବାୟୁ ଖୋଜୁଥିବା ବହୁ ବ୍ୟକ୍ତି ଦିଲ୍ଲୀରୁ ପଳାଇ ଯାଉଛନ୍ତି। ନ୍ୟୁୟର୍କ ଟାଇମ୍‌ସର ଦିଲ୍ଲୀ ପ୍ରତିନିଧି ଗାର୍ଡ଼ିନେର ହାରିସ୍ ଏଠାରେ ୩ବର୍ଷ କାମ କରିବା ପରେ ଦିଲ୍ଲୀର ବିଷାକ୍ତ ପବନ ପାଇଁ ଏବେ ଭାରତ ଛାଡ଼ିବାକୁ ଯୋଜନା କରିଛନ୍ତି। ରାଜଧାନୀ ଦିଲ୍ଲୀର ପରିବେଶରେ ରହି କାମ କରିବା ତାଙ୍କ ପାଇଁ କଷ୍ଟକର ଦର୍ଶାଇ ସେ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଏକ ଆଲେଖ୍ୟରେ ଦର୍ଶାଇଛନ୍ତି। ସେ ତଥ୍ୟ ପ୍ରମାଣ ସହ ଏହି ସହର କିଭଳି ଆଗାମୀ ପିଢ଼ି ପାଇଁ ଘୋର ବିପଦର କାରଣ ହେବ ତାହା ବର୍ଣ୍ଣନା କରିଛନ୍ତି। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ନୀତି ଅକାମୀ ହୋଇଯାଇଥିବା ବେଳେ ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ହାରିସ୍ ଦର୍ଶାଇଛନ୍ତି ଯେ ଦିଲ୍ଲୀର ସବୁଠାରୁ ବଡ଼ ବିପଦ ହେଉଛି ଏହାର ପାଣି, ପବନ, ଖାଦ୍ୟ ଏବଂ ମଶା। ଏକ ବିଷ ବଳୟ ଭିତରେ ମଣିଷ ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜୀବନଯାପନର ମାନ ସଙ୍କୁଚିତ ହେବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ରିପୋର୍ଟ ଅନୁଯାୟୀ ୨୦୧୭ରେ ୮.୭ ନିୟୁତରୁ ଅଧିକ ଲୋକ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରାଣ ହରାଇଛନ୍ତି। ଗୋଟିଏ ନିୟୁତରୁ ଅଧିକ ଲୋକ ତମାଖୁ ସେବନ ଯୋଗୁଁ ପ୍ରାଣ ହରାଇଥିବା ବେଳେ ଏଥିରୁ ୮୮ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ବୋଲି ଜଣାପଡ଼ିଛି। ଭାରତର ୩୦ରୁ ଅଧିକ ସହରର ପବନରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ ଏବଂ ସଲଫର ଡାଇଅକ୍ସାଇଡ଼ର ମାତ୍ରା ଉଦବେଗଜନକ ଭାବେ ବଢ଼ିଯାଇଛି। ପବନରେ ୧୦ ମାଇକ୍ରୋମିଟର ଠାରୁ କମ୍ ସୂକ୍ଷ୍ମ ପଦାର୍ଥର ଅବସ୍ଥିତି ମଣିଷର ସ୍ୱାସ୍ଥ୍ୟ ପାଇଁ ବହୁତ ବଡ଼ ବିପଦ ସୃଷ୍ଟି କରିଥାଏ ଏବଂ ରାଜଧାନୀ ଦିଲ୍ଲୀ ସମେତ ଅନେକ ସହର ଏବେ ଏହି ବିପଦକୁ ମୁଣ୍ଡାଇଛି।

ମହିଳାମାନେ ବ୍ୟବହାର କରୁଥିବା ଡିସ୍‌ପୋଜେବଲ ପ୍ୟାଡ଼ ବା ସାନିଟାରି ନାପ୍‌କିନ୍ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ରୋଗ ବଢୁଥିବା ଏକ ଅଧ୍ୟୟନ ଫଳାଫଳରୁ ଜଣାପଡ଼ିଛି। ବଜାରରେ ବିକ୍ରି ହେଉଥିବା ସମସ୍ତ ଡିସପୋଜେବଲ ପ୍ୟାଡ଼ ସିନ୍ଥେଟିକ। ଏହାର ନବେ ପ୍ରତିଶତ ପ୍ଲାଷ୍ଟିକ। ଥରେ ବ୍ୟବହୃତ ହେବା ପରେ ଫୋପଡ଼ାଯାଏ। ମାଟିରେ ମିଶିବାକୁ ଲାଗେ ପାଞ୍ଚଶହରୁ ଆଠଶହ ବର୍ଷ। ଜଣେ ମହିଳା ନିଜ ଜୀବନ କାଳରେ ଅନ୍ୟୁନ ୧୬୮୦୦ଟି ଏ ଭଳି ପ୍ୟାଡ଼ ବ୍ୟବହାର କରୁଥିବା ଜଣାଯାଏ। ଅର୍ଥାତ୍ ଅଜାଣତରେ ଆମେ କେଉଁ ଭଳି ଭୁଲ କରୁଛେ ଅନୁମେୟ। ବିଶେଷ ଅନୁସନ୍ଧାନରୁ ପ୍ରକାଶ ଯେ, ୧୨ ପ୍ରତିଶତ ବା ୩.୬ କୋଟି ଭାରତୀୟ ମହିଳା ଡିସପୋଜେବଲ ପ୍ୟାଡ଼ ବ୍ୟବହାର କରନ୍ତି। ଋତୁଚକ୍ର ବେଳେ ଜଣେ ମହିଳା ଅନ୍ୟୁନ ୧୨ଟି ପ୍ୟାଡ଼ ବ୍ୟବହାର କରନ୍ତି। ଅର୍ଥାତ୍ ପ୍ରତି ମାସରେ ପଦାରେ ଫୋପଡାଯାଉଛି ୪୩.୨ କୋଟି ପ୍ୟାଡ଼। ଯଦି ପ୍ରତ୍ୟେକ ଭାରତୀୟ ମହିଳା ଏହା ବ୍ୟବହାର କରନ୍ତି ବାର୍ଷିକ ୫୮୫୦ କୋଟି ପ୍ୟାଡ଼ ଫୋପଡାହେବ। ଏହାର ପରିଣାମ ଶୁଭଙ୍କର ନୁହେଁ। ପୁଣି, ସିନ୍ଥେଟିକ ପ୍ୟାଡ଼ରେ ଡାଇଅକ୍‌ସିନ ସମେତ ଏକାଧିକ ବିଷାକ୍ତ ରାସାୟନିକ ପଦାର୍ଥ ରହୁଛି। ଏଗୁଡ଼ିକ ଡିମ୍ବାଣୁ କର୍କଟ ଓ ବନ୍ଧ୍ୟାତ୍ୱ ସୃଷ୍ଟି କରିପାରନ୍ତି। ତେଣୁ ଏ ବାବଦରେ ଅଧିକ ସତର୍କତା ଅବଲମ୍ବନ ସହ ସିନ୍ଥେଟିକ ପ୍ୟାଡ଼ ବଦଳରେ କନା ତିଆରି ପ୍ୟାଡ଼ ବା ଟାମ୍ପୁନ୍ ବା ସିଲିକନ୍ କପ ବ୍ୟବହାର କରିବା ପାଇଁ ବିଜ୍ଞାନୀମାନେ ମତ ଦେଉଛନ୍ତି।

**ଡାକ୍ତର ଶୁଭଶ୍ରୀ ମିଶ୍ର,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ସୁନ୍ଦରଗଡ଼ରେ ଆନ୍ଦୋଳନରତ ମହିଳାଙ୍କ ଗିରଫଦାରୀକୁ ସିପିଆଇର ନିନ୍ଦା

ଭୁବନେଶ୍ୱର (ପିଏନ୍)–ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବାଙ୍କିବାହାଲ ଟପରିଆ ଅଞ୍ଚଳର କନ୍ଦାଧୂଡ଼ାଠାରେ ମହାନଦୀ କୋଲ୍ ଫିଲ୍ଡର (ଏମସିଏଲ) କୋଇଲା ପରିବହନ ଫଳରେ ସର୍ବସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ଓ ପରିବେଶ ପ୍ରଦୂଷଣ ବିରୋଧରେ ଆନ୍ଦୋଳନରତ ୨୪ଜଣ ମହିଳାଙ୍କ ଗିରଫଦାରୀ ଓ ଥାନାରେ ଶିଶୁମାନଙ୍କ ଅଟକ ଘଟଣାକୁ ସିପିଆଇ ନିନ୍ଦା କରିଛି। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ବିବୃତିରେ କହିଛନ୍ତି–ଏହି ଆନ୍ଦୋଳନର ନେତା ରାଜେନ୍ଦ୍ର ନାୟକଙ୍କ ସମେତ ଶତାଧିକ ପୁରୁଷ ଓ ମହିଳାଙ୍କୁ ଗତମାସରେ ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ପୂର୍ବରୁ ହେମଗିରି ପୋଲିସ ଗିରଫ କରିଥିଲା। ଏକମାସ ନ ବିତୁଣୁ ସିପିଆଇର ଜିଲ୍ଲା ପରିଷଦ ସଭ୍ୟା ପୂରବୀ ନାୟକଙ୍କ ସମେତ ୨୪ଜଣ ଆନ୍ଦୋଳନକାରୀ ମହିଳାଙ୍କୁ ଗିରଫ କରିବା ପ୍ରତିଶୋଧ–ପରାୟଣ ମାନସିକତାର ପରିଚୟ ଦିଏ। ଘଟଣାରୁ ପ୍ରକାଶ ଯେ, ବାଙ୍କିବାହାଲ-ଟପରିଆ ରାସ୍ତାରେ ୧୩ଟି ଗାଁ ମଝିରେ ପ୍ରତିଦିନ ହଜାର ହଜାର କୋଇଲା ବୋଝେଇ ଟ୍ରକ ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଯାତାୟାତ କରିବା ଫଳରେ ପିଲାମାନେ ନିରାପଦରେ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ନ ପାରିବା ସହିତ ସାଧାରଣ ଜୀବନଯାତ୍ରାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ରାଜ୍ୟ ମାନବିକ ଅଧିକାର କମିଶନ ଏହି କୋଇଲା ପରିବହନକୁ ବିକଳ୍ପ ରାସ୍ତାରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାନ୍ୟବର ଓଡ଼ିଶା ହାଇକୋର୍ଟ ଏମସିଏଲ ସ୍ୱତନ୍ତ୍ର କୋଇଲା କରିଡର ନିର୍ମାଣ କରିବା ପାଇଁ ମଧ୍ୟ ୨୦୧୮ରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ମାତ୍ର ଏହା ସତ୍ତ୍ୱେ ୧୩ଟି ଗାଁ ମଝିରେ ପ୍ରତିଦିନ ହଜାର ହଜାର ଟ୍ରକ ଚାଲିଛି। ଗ୍ରାମବାସୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଲେ ସେମାନଙ୍କୁ ବାରମ୍ବାର ଗିରଫ କରି ଜେଲ୍‌କୁ ପଠାଯାଉଛି। ଏଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାର କୋଇଲା କଣ୍ଟ୍ରାକ୍ଟରମାନଙ୍କ ପୃଷ୍ଠପୋଷକତା ନ କରି ଜନସାଧାରଣଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସିପିଆଇ ରାଜ୍ୟ ସମ୍ପାଦକ ଆହ୍ୱାନ ଦେଇଛନ୍ତି।

# ଦଳବଦଳକାରୀଙ୍କ ପାଇଁ ଗାନ୍ଧୀଙ୍କ ବାଣୀ





୧୯୨୨ ମସିହାରେ ଜାତିର ଜନକ ମହାତ୍ମାଗାନ୍ଧୀ ଗୋଟିଏ ପତ୍ର ଲେଖିଥିଲେ। ସେଥିରେ ସେ ଦର୍ଶାଇଥିଲେ ଯେ ବିଶେଷତଃ ୪ଟି କାରଣରୁ ସ୍ୱରାଜ ଜନତାଙ୍କ ମଧ୍ୟରେ ଆନନ୍ଦ ଆଣିପାରିବନି। ସେଥିରୁ ତିନୋଟି ଥିଲା ଅନ୍ୟାୟ, ପ୍ରଶାସନର ମନମାନୀ ତଥା ବୋଝ ଏବଂ ବିତଶାଳୀ ଲୋକମାନଙ୍କ ରାଜନେତା ତଥା ପ୍ରଶାସନ ସହିତ ମିଳିଭଗତରେ ଧୋକାଧାଡି କରିବା। ଅତି ଆଶ୍ଚର୍ଯ୍ୟର କଥା ଚତୁର୍ଥ କାରଣଟି ଥିଲା, ନିର୍ବାଚନ ସମୟରେ ନେତାଙ୍କ ଦଳବଦଳ ନୀତି। ଆଜି ମହାତ୍ମାଗାନ୍ଧୀ ଆମ ଗହଣରେ ନାହାଁନ୍ତି, ମାତ୍ର ତାଙ୍କର କହିଥିବା କଥା ଆଜି ପ୍ରତିଫଳିତ ହୋଇଛି। ଆଜିକାଲି ନେତା ସେମାନଙ୍କର ସ୍ୱାର୍ଥରେ ବା ସତାରୁଚି ବ୍ୟବସ୍ଥାରେ ଟିକେ ଆଂଚ ଆସିଲେ, ତୁରନ୍ତ ଏ ଦଳ ଡେଇଁ ସେ ଦଳରେ ସାମିଲ ହୋଇଯାଇ ନିଜର ସତାକୁ ବଜାୟ ରଖନ୍ତି, ମାତ୍ର ତାହା ତାଙ୍କ ସମର୍ଥକ ତଥା ଜନତା ଜନାର୍ଦ୍ଦନଙ୍କ ଇଚ୍ଛା ବୋଲି ପ୍ରକାଶ କରିଥାନ୍ତି। କିନ୍ତୁ ଗାନ୍ଧିଜୀ ୧୯୨୨ ମସିହାରେ ଦଳବଦଳ ବିଷୟରେ କିପରି ଦୂରଦୃଷ୍ଟି ଭାବନା ରଖିଥିଲେ! ସେ ସେତେବେଳେ ବ୍ରିଟିଶ ନିର୍ବାଚନ ବ୍ୟବସ୍ଥାକୁ ବହୁତ ଗମ୍ଭୀରତାର ସହ ଅଧ୍ୟୟନ କରିଥିଲେ ଏବଂ ଭବିଷ୍ୟୋନ୍ମୁଖୀ ଦୃଷ୍ଟିକୋଣ କାରଣରୁ ଭାରତରେ ଭବିଷ୍ୟତରେ ନିର୍ବାଚନରେ ଏହା ଯେ ପ୍ରତିଫଳିତ ହେବ ସେ ସଠିକ୍ ପୂର୍ବାନୁମାନ କରିବାରେ ସଫଳ ହୋଇପାରିଥିଲେ। ଯଦି ରାଜସ୍ଥାନରେ ଘଟିଯାଇଥିବା କଂଗ୍ରେସ ଦଳର ନାଟକକୁ ଅନୁଧାନ କରିବା ତେବେ ରାଜସ୍ଥାନର ପଂଚତାରକା ହୋଟେଲରେ ରହି ଆରାମ କରୁଥିବା ବିଧାୟକମାନେ କେବେ ମହାତ୍ମାଗାନ୍ଧୀ, ଲାଲବାହାଦୂର ଶାସ୍ତ୍ରୀ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ସ୍ୱତନ୍ତ୍ରତା ସଂଗ୍ରାମର ଅନ୍ୟ ନେତୃବୃନ୍ଦଙ୍କ ଜୀବନର ସଂଘର୍ଷପୂର୍ଣ୍ଣ ଗାଥା ବିଷୟରେ କେବେ ବିଚାର କରିଛନ୍ତି! ଆମର ନିର୍ବାଚିତ ପ୍ରତିନିଧି ପଂଚ ପରମେଶ୍ୱରଭାବେ ପରିଗଣିତ। ସେମାନେ ସମ୍ବିଧାନ ପ୍ରତି ନିଷ୍ଠାର ଶପଥ ନେଇଥାନ୍ତି, ମାତ୍ର ପଦପଦବୀ ବା ମନ୍ତ୍ରୀପଦ ପାଇ ସତାରୁଢ ହେଲାପରେ ଶପଥ ଯାଉ ଚୁଲିକୁ "ସତାରେ ଥିବା ଯାଏ ଦେଶ ଲୁଟିବ, ସତା ଚାଲିଗଲେ ଭତା ପାଇବ।" ଏହା କଣ ଥିଲା ଆମ ବାବା ସାହେବ ଆମ୍ବେଦକର ପ୍ରଣିତ ସମ୍ବିଧାନ! ଏ ନେତାମାନେ ଟଂଟି ଫଟା ଭାଷଣ ଦେଇଥାନ୍ତି, ମାତ୍ର ଯାହା ଉଚ୍ଚାରଣ କରିଥାନ୍ତି, ସେମାନେ ଭୁଲି ଯାଇଥାନ୍ତି ଗାନ୍ଧିଜୀଙ୍କର ସେହି ଅମର ବାଣୀକୁ। "ସେ କହିଥିଲେ ନିଜର ଅଧିକାର ଉପରେ ଜୋର ଦେବା ଅପେକ୍ଷା ପ୍ରତ୍ୟେକ ବ୍ୟକ୍ତି ତା'ର କର୍ତବ୍ୟ ପ୍ରତି ଧ୍ୟାନ ଦେଲେ ମାନବ ଜାତି ତଥା ସମାଜରେ ମହାନତା ସ୍ଥାପିତ ହୋଇଯିବ।"

ଜନତାଙ୍କ ଦୃଷ୍ଟିରେ ଯେଉଁ ବିଧାୟକମାନଙ୍କୁ ଜନତା ତାଙ୍କର ନେତା ନିର୍ବାଚିତ କରି ବିଧାନ ଗୃହ ତଥା ସଂସଦକୁ ପଠାଇଛନ୍ତି, ସେମାନେ ସାମାନ୍ୟ କିଛି ଅର୍ଥର ପ୍ରଲୋଭନରେ ନିଜର ମାନ ମହତକୁ ଧୂଳିସାତ୍ କରି ହୋଟେଲରେ ଚୋରଙ୍କ ଭଳି ଲୁଚି ରହି ନିଜର ନୈତିକତାକୁ ହରାଇଥାନ୍ତି। ତେବେ କୁହନ୍ତୁତ ସେଇ ଦଳବଦଳ ବିଧାୟକ ବା ରାଜନେତାଙ୍କୁ ଆମ ଭୋଟର କି ଦୃଷ୍ଟିରେ ବିଚାର କରିବେ? ତାଙ୍କ ପରିବାରର କୌଣସି ପୁଅ ଝିଅଙ୍କୁ ଯଦି ପଚରାଯାଏ ସେମାନେ କେବେ ତାଙ୍କର ମତ ପ୍ରକାଶ କରି କହିବେନି ଯେ ତାଙ୍କର ପିତାମାତା 'ବିକ୍ରିଯୋଗ୍ୟ ବସ୍ତୁଭାବେ ପରିଗଣିତ ହୁଅନ୍ତୁ'। ଏ ପ୍ରକ୍ରିୟା କେବଳ ରାଜସ୍ଥାନ, ମହାରାଷ୍ଟ୍ର, ବିହାର, ଆନ୍ଧ୍ରପ୍ରଦେଶରେ ନୁହେଁ ଏହାର ପ୍ରଭାବ ମଧ୍ୟ ଓଡିଶାରେ ପରିଲକ୍ଷିତ ହୋଇଛି। ଓଡିଶାରେ ନିଜକୁ ମହାନ ନେତା ତଥା ସମାଜ ସଂସ୍କାରକ ବୋଲାଉଥିବା ଏହିଭଳି ଅନେକ ଅଛନ୍ତି, ସେମାନେ ନିଜର ସାମାନ୍ୟ ସତା ଓ ସ୍ୱାର୍ଥ ସାଧନ ପାଇଁ ନିଜର ସ୍ୱାଭିମାନକୁ ବିକ୍ରି କରିଦିଅନ୍ତି ଓ ଦଳବଦଳ କରି ସତା ହାସଲ କରନ୍ତି; ତଥାପି ଅଲାଜୁକ ପିଚାରେ ବଥ ହେଲେ ମୋତେ ଛାଇ ହେଉଛି ସଦୃଶ କହି ସମାଜରେ ମୁହଁ ଟେକି ବୁଲୁଛନ୍ତି। ସେମାନଙ୍କୁ ଧିକାର। ଏମାନଙ୍କ ଭିତରୁ ଯେଉଁମାନେ ଗାନ୍ଧିଜୀଙ୍କ ବିଷୟ ବା ଜୀବନୀ ପଢିଥିବେ ସେମାନଙ୍କର ପ୍ରାୟ ତାଙ୍କର ଏହି ମହାନ୍ ବାକ୍ୟଟି ଅବଶ୍ୟ ମନେଥିବ, ଯାହା ଥିଲା ଗାନ୍ଧିଜୀ କହୁଥିଲେ- "ମେରା ଜୀବନ ହିଁ ମେରା ସନ୍ଦେଶ।" ମୋର ଜୀବନ ହିଁ ମୋର ସନ୍ଦେଶ। ପ୍ରକୃତରେ ବିଚାର କଲେ କ'ଣ ପ୍ରକୃତରେ ଆମ ଦଳ ତଥା ବିଧାୟକ ନିଜର ପିଲାମାନଙ୍କୁ ଗାନ୍ଧିଜୀଙ୍କ ସେହି ଆପ୍ତ ବାକ୍ୟ କହିବା ପାଇଁ ସମର୍ଥ କି?

ଏପରି ପରିଲକ୍ଷିତ ହେଉଛି ମୁଖ୍ୟମନ୍ତ୍ରୀଙ୍କଠୁ ନେଇ ବିଧାନସଭା ଅଧ୍ୟକ୍ଷ, ସାଂସଦ, ବିଧାୟକ ଏବଂ ବିପକ୍ଷ ଦଳ ସବୁ ମହତ୍ୱପୂର୍ଣ୍ଣ ଲୋକ ଏହା ମନେରଖିବା ଉଚିତ ଯେ Government of India Act-1935 ଅନ୍ତର୍ଗତ ଭାରତର ବିଭିନ୍ନ ପ୍ରାନ୍ତରେ ୧୯୩୬-୩୭ରେ ହୋଇଥିବା ନିର୍ବାଚନରେ ଯେଉଁଥିରେ ଆଂଚଳିକ ସରକାରର ଗଠନ ହୋଇଥିଲା। ତତ୍କାଳୀନ କଂଗ୍ରେସ ସରକାରର ସବୁ ମନ୍ତ୍ରୀମାନେ ନଭେମ୍ବର ୧୯୩୯ରେ ତ୍ୟାଗପତ୍ର ଦେଇ ଦେଇଥିଲେ। ଗାନ୍ଧିଜୀ ସଦାବେଳେ ପୂର୍ଣ୍ଣ ସତର୍କତା ସହିତ ଏହା କହୁଥିଲେ ଯେ ବିଧାୟକ ଓ ମନ୍ତ୍ରୀମାନେ ସେମାନଙ୍କ କର୍ତବ୍ୟ କିପରି କରିବା ଦରକାର ଏବଂ ଜନତା ଜନାର୍ଦ୍ଦନଙ୍କର କଲ୍ୟାଣ ସାଧନ ନିମନ୍ତେ କିପରି ଚିନ୍ତା କରିବା ଦରକାର। ସେ ସଦାବେଳେ ସେ ଦିନର ବିଧାୟକ ତଥା ନେତାମାନଙ୍କୁ ନୈତିକ ଶିକ୍ଷା ଦେଉଥିଲେ, ଫଳରେ ନୀତି ବିରୁଦ୍ଧରେ କାର୍ଯ୍ୟ କରିବା କଠିନ ଥିଲା। କଂଗ୍ରେସ ସରକାରରେ କୌଣସି ପଦପ୍ରାପ୍ତିର ଅର୍ଥ ବ୍ୟକ୍ତିଗତ ଲାଭରୁ ଉର୍ଦ୍ଧ୍ୱକୁ ଉଠି ଜନହିତରେ ସେବା ମନୋଭାବ ରହିବା ଦରକାର। ଗାନ୍ଧିଜୀ କହୁଥିଲେ- "ଯେ କିଏ ବି ସରଳତାର ସୌନ୍ଦର୍ଯ୍ୟ କଳାକୁ ଅକ୍ଳେଶରେ ଅନୁଭବ କରିପାରେ। ସ୍ୱଚ୍ଛ ଓ ଗରିମାପୂର୍ଣ୍ଣ ବ୍ୟବହାର ପାଇଁ ଧନର ପ୍ରୟୋଜନ ନ ଥାଏ। ଅନ୍ୟ ପକ୍ଷରେ ସାନ୍, ସୌକତ, ଐଶ୍ୱର୍ଯ୍ୟ ନିର୍ଲଜତାର ପ୍ରତୀକ", ଆଜି ଥରେ ଯିଏ ବିଧାୟକ ସାଂସଦ ତଥା ମନ୍ତ୍ରୀ ହେଲେ ସେମାନଙ୍କର ସମ୍ପତି ଆଖିପିଛୁଳାକେ ୫୦୦ ଗୁଣ ବୃଦ୍ଧି ହେଉଛି। ଏହାଉପରେ ସି.ବି.ଆଇ. ଗୋଇନ୍ଦା ତଥା ଅନ୍ୟ ପଦାଧିକାରୀ କାହିଁକି ମୌନ ଅବଲମ୍ବନ କରୁଛନ୍ତି, ଯାହାକି ବିଚାରଯୋଗ୍ୟ! ମନେପଡିଥାଏ ଗାନ୍ଧିଜୀଙ୍କର ସୁନ୍ଦର କଥାଟିଏ, ଯାହା ଥିଲା "ପଦାରୂଢ ହୋଇ ସମ୍ମାନର ଅଧିକାର ହେବା ସହ ସେହି ପଦବୀର ମର୍ଯ୍ୟାଦା ରକ୍ଷାକରି ତାହାକୁ ସାର୍ବଜନିକ ହିତରେ ବ୍ୟବହାର କରିପାରିଲେ ଆଗାମୀ ସମୟ ଉକ୍ତ ନେତା ପାଇଁ ସୁଗମ ହୋଇଥାଏ", ମାତ୍ର ଆଜି ଦେଶର ରାଜନୈତିକ ଚିତ୍ର ସମ୍ପୂର୍ଣ୍ଣ ଅଲଗା–ବିଧାୟକ ଆଜି ପଣ୍ୟଦ୍ରବ୍ୟ, କୁଜିନେତା ୫୦୦୦/୧୦୦୦୦ରେ ବିକ୍ରି, ଆମେ ଭୋଟଦାତା ୫୦୦/୧୦୦୦୦ରେ ବିକ୍ରି, ତେବେ କିପରି ଗାନ୍ଧିଜୀଙ୍କ ସେ ଦିନର ମହାନ ବାର୍ତା ଫଳପ୍ରଦ ହେବ। ତେଣୁ ସରକାର ଦଳମତ ନିର୍ବିଶେଷରେ ଉର୍ଦ୍ଧ୍ୱକୁ ଉଠି ଏହି ଦଳବଦଳ ପାଇଁ ଏକ କଠୋର ନିୟମ ପ୍ରଣୟନ କରି ତ୍ୟାଗ କରୁଥିବା ଦଳର ନେତାଙ୍କୁ ନିଜ ଦଳରେ ସାମିଲ ନ କରି ଉଚିତ ଶିକ୍ଷା ଦେଲେ ସମାଜ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ସହ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇପାରନ୍ତା।

**ଉମାଶଙ୍କର ପ୍ରସାଦ,** ମୋ ନଂ-୬୩୭୦୬୭୫୫୬୨

# ଆରଏସ୍ଏସ୍‌ର ଅଖିଳ ଭାରତୀୟ ପ୍ରତିନିଧି ସଭା ବେଙ୍ଗାଲୁରରେ




ଭୁବନେଶ୍ୱର (ପିଏନ୍): ସମାଜରେ କାର୍ଯ୍ୟ କରୁଥିବା ସାମାଜିକ ତଥା ଧାର୍ମିକ ସଂଗଠନଗୁଡିକ ସାଥିରେ ନେଇ ସମାଜବ୍ୟାପୀ ତଥା ରାଷ୍ଟ୍ରବ୍ୟାପୀ ସମାଜିକ ଶକ୍ତି ଗଠନ କରିବା ସଂଘର ଲକ୍ଷ୍ୟ। ସଂଘ ସମାଜର ସାମୂହିକ ଶକ୍ତିକୁ ଜାଗ୍ରତ କରିବା ପାଇଁ କାର୍ଯ୍ୟ କରୁଛି। ଦେଶ ସମାଜ ପାଇଁ କାର୍ଯ୍ୟ କରୁଥିବା ସମାନ ଚିନ୍ତାଧାରାର ଲୋକ ସମୂହକୁ ସଂଗଠନ ସହିତ ଯୋଡିବା ଲକ୍ଷ୍ୟ ନେଇ ସଂଘ ପ୍ରୟାସ କରୁଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ଶ୍ରୀ ଅରୁଣ କୁମାର ପ୍ରକାଶ କରିଛନ୍ତି। ଜନସେବା ବିଦ୍ୟାକେନ୍ଦ୍ର ବେଙ୍ଗାଲୁରଠାରେ ଆସନ୍ତା ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ପ୍ରତିନିଧି ସଭା ବିଷୟରେ ସାମ୍ବାଦିକ ବନ୍ଧୁମାନଙ୍କୁ ସୂଚନା ଦେବା ଅବସରରେ ଏହି ବିଷୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଯଦିଓ କରୋନା ସମୟରେ ଏକ ବର୍ଷଧରି ସଂଗଠନର ପ୍ରତିଦିନ କାମ କମ୍ ଥିଲା ତଥାପି ସ୍ୱୟଂସେବକମାନଙ୍କର ସମାଜ ସହିତ ସଂପର୍କ ବୃଦ୍ଧି ପାଇଥିଲା। ଏହି ଅବଧି ମଧ୍ୟରେ ସମାଜ ପାଇଁ କାର୍ଯ୍ୟ କରୁଥିବା ସାମାଜିକ-ଧାର୍ମିକ ସଂଗଠନର ବ୍ୟକ୍ତିବିଶେଷମାନେ ଆମ ନିକଟତର ହୋଇଥିଲେ ଏବଂ ଆମ ସହିତ ସାମିଲ ହୋଇଥିଲେ। ଆମେ ଅନେକ ନୂଆ ନୂଆ ସ୍ଥାନମାନଙ୍କରେ ମଧ୍ୟ ପହଁଚିପାରିଥିଲୁ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସାମାଜିକ ସଚେତନତା ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ କ'ଣ କରାଯାଇପାରିବ ସେ ବିଷୟରେ ମଧ୍ୟ ଆଲୋଚନା ହେବ। ପ୍ରତି ତିନିବର୍ଷରେ ସଂଘ କାର୍ଯ୍ୟର ସମୀକ୍ଷା ହୋଇଥାଏ। ଗତ ତିନିବର୍ଷ ମଧ୍ୟରେ ସଂଘ କାର୍ଯ୍ୟର ବିସ୍ତାର ଓ ସମ୍ପ୍ରସାରଣ, ଗ୍ରାମ ବିକାଶ, ପରିବେଶ ସୁରକ୍ଷା (ବିଶେଷ କରି ଜଳ ସଂରକ୍ଷଣ, ବୃକ୍ଷରୋପଣ, ପ୍ଲାଷ୍ଟିକର ସର୍ବନିମ୍ନ ବ୍ୟବହାର)କୁ ଦୃଷ୍ଟିରେ ରଖି ସାମାଜିକ ପରିବର୍ତନ ପାଇଁ ଯୋଜନାମାନ ସ୍ଥିର ହୋଇଥିଲା। ତାହାର କ୍ରିୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯିବ। ସାମାଜିକ ପରିବର୍ତନ କାର୍ଯ୍ୟରେ ସଂଘ କେତେ ଆଗକୁ ବଢିପାରିବ, ତାହା ସହିତ ଆସନ୍ତା ତିନିବର୍ଷ ପାଇଁ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରାଯିବ। ଆମର ଲକ୍ଷ୍ୟ କ'ଣ ହେବା ଉଚିତ ତାହା ମଧ୍ୟ ଆଲୋଚନା କରାଯିବ। ସଂଘ ନିଜ କାର୍ଯ୍ୟ ଦୃଷ୍ଟିରୁ ୬୦ ହଜାର ମଣ୍ଡଳ ଓ ୬୦ ହଜାର ବସତି ଗଠନ କରିଛି। ତାହା ମଧ୍ୟରୁ ପ୍ରାୟ ୬୫ ହଜାର ସ୍ଥାନରେ ସଂଘ ପହଁଚିପାରିଛି ଏବଂ କାର୍ଯ୍ୟର ବିସ୍ତାର ଦୃଷ୍ଟିରୁ ଏହି ସ୍ଥାନ ଗୁଡିକରେ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ସଂଘ ପ୍ରବେଶ କରୁ ସେଥିପାଇଁ ପ୍ରୟାସ ଜାରି ରଖିଛି। ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ବେଙ୍ଗାଲୁରରେ ପ୍ରତିନିଧି ସଭା ଅନୁଷ୍ଠିତ ହେବ। ଗତକାଲି ସନ୍ଧ୍ୟାଠାରୁ ଆଜି ସଂଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟକାରୀ ମଣ୍ଡଳ ବୈଠକ ହେବ। ଅଖିଳ ଭାରତୀୟ ପ୍ରତିନିଧି ସଭା ସଂଘର ସର୍ବୋଚ୍ଚ ନିଷ୍ପତି ନିର୍ଣ୍ଣୟକାରୀ ସମୂହ ଅଟେ। ସଂଘର ସମସ୍ତ ନିଷ୍ପତି ପ୍ରତିନିଧି ସଭାରେ ହିଁ ନିଆଯାଇଥାଏ। ଗତବର୍ଷ ପ୍ରତିନିଧି ସଭା ବେଙ୍ଗାଲୁରୁରେ ହେବାର ଥିଲା। କରୋନା କାରଣରୁ ସ୍ଥଗିତ ରଖିବାକୁ ନିଷ୍ପତି ନିଆଯାଇଥିଲା। ଏବର୍ଷ ବେଙ୍ଗାଲୁରରେ ଏହି ପ୍ରତିନିଧି ସଭା ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିଲା। କରୋନା କାରଣରୁ ସଂଘର ପ୍ରତିଦିନ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ସଂଘ ସରକାରୀ ନିୟମ ବ୍ୟବସ୍ଥାକୁ ଅନୁସରଣ କରି ଗୁରୁତ୍ୱପୂର୍ଣ୍ଣ ପ୍ରାନ୍ତ ପ୍ରଚାର ବୈଠକକୁ ସ୍ଥଗିତ ରଖିଥିଲା। ସେହିପରି କାର୍ଯ୍ୟକାରୀ ମଣ୍ଡଳ ବୈଠକ ଗୋଟିଏ ସ୍ଥାନ ବଦଳରେ ୧୧ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା।

ପ୍ରତିନିଧି ସଭା ପାଇଁ ୧୫୦୦ ଲୋକ ଅପେକ୍ଷିତ ଅଟନ୍ତି। ଯେହେତୁ କରୋନା ସଂକଟ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ ତାହାକୁ ଦୃଷ୍ଟିରେ ରଖି ଆଗୁଆ ନିଷ୍ପତି ନିଆଯାଇ ସର୍ବନିମ୍ନ ୪୫୦ କାର୍ଯ୍ୟକର୍ତାଙ୍କୁ ଡକାଯାଇଛି। ଏହା ସହିତ ତିନି ଦିନ ପରିବର୍ତେ ଦୁଇ ଦିନ ବୈଠକ ହେବା ପାଇଁ ସ୍ଥିର ହୋଇଛି। ସଂଘକାର୍ଯ୍ୟ ଦୃଷ୍ଟିରୁ ଭାରତରେ ୪୪ଟି ପ୍ରାନ୍ତ ଗଠନ କରାଯାଇଛି। ବେଙ୍ଗାଲୁର ବୈଠକରେ ଯୋଗ ଦେଇ ପାରୁନଥିବା ସମସ୍ତ ପ୍ରାନ୍ତର ପ୍ରାୟ ୧୦୦୦ ନିର୍ବାଚିତ ପ୍ରତିନିଧି ୪୪ଟି ସ୍ଥାନରେ ଅନ୍ ଲାଇନ୍ ମାଧ୍ୟମରେ ଏହି ସଭାରେ ଭାଗନେବେ। ୧୯ ମାର୍ଚ୍ଚ ସକାଳ ୮.୩୦ରେ ଏହି ବୈଠକ ଆରମ୍ଭ ହେବ। ରାତି ୯ ଟାରେ ଏକ ସାମ୍ବାଦିକ ସମ୍ମିଳନୀ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ସହସରକାର୍ଯ୍ୟବାହ ଡ.ମନମୋହନ ବୈଦ୍ୟ ଉପସ୍ଥିତ ରହିବେ। ବାର୍ଷିକ ରିପୋର୍ଟ ସହିତ ନିଆଯାଇଥିବା ପ୍ରସ୍ତାବ ଗୁଡିକ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରାଯିବ। ପ୍ରତି ତିନି ବର୍ଷରେ ସରକାର୍ଯ୍ୟବାହ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ମାର୍ଚ୍ଚ ୨୦ ତାରିଖର ଦ୍ୱିତୀୟ ଅଧିବେଶନରେ ସରକାର୍ଯ୍ୟବାହ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ବୋଲି ଶ୍ରୀ ଅରୁଣ କୁମାର ପ୍ରକାଶ କରିଛନ୍ତି।

## ନାରାୟଣ ଦାସଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ତଥା ରାଉରକେଲା ସାଙ୍ଗଠନିକ ଜିଲ୍ଲାର ପୂର୍ବତନ ପ୍ରଭାରୀ ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ଦାସଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଭୁବନେଶ୍ୱରଠାରେ ତାଙ୍କର ଅକାଳ ବିୟୋଗ ହୋଇଥିବା ବେଳେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର ଓ ସନ୍ତୋଷ ବିଶ୍ୱାଳ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଜିଲ୍ଲା କଂଗ୍ରେସର ସୁଧୀର ନାଥ, ଭାସ୍କର ଖିଲ୍ଲାର, ସୁବାଷ ପାତ୍ର, ବିଶ୍ୱଜିତ ସାହୁ, ଦିଲ୍ଲୀପ ଲାହିରି, ଅଂଜନ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ଦାସ ଜଣେ ସରଳ, ସ୍ପଷ୍ଟବାଦୀ, ନିଷ୍ଠାପର ନେତା ଭାବେ କଂଗ୍ରେସ ଦଳରେ ବେଶ୍ ପରିଚିତ ଥିଲେ। ତାଙ୍କ ଭଦ୍ର, ଅମାୟିକ ବ୍ୟବହାର ପାଇଁ ଦଳ ଭିତରେ ସେ ସବୁ ବର୍ଗର ନେତା ଓ କର୍ମୀଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କର ଅକାଳ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତୃବୃନ୍ଦ ପ୍ରକାଶ କରି ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଦୁଃଖଦ ସମୟରେ ଈଶ୍ୱର ତାଙ୍କ ପରିବାରବର୍ଗଙ୍କୁ ନିଶ୍ଚିତ ସହାୟକ ହେବେ ବୋଲି ଦଳ ତରଫରୁ କାମନା କରାଯାଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ଖଣ୍ଡପଡାକୁ ସବ୍‌ଡିଭିଜନ ମାନ୍ୟତା କେବେ ?

ଖଣ୍ଡପଡ଼ା: ଖଣ୍ଡପଡା ପଂଚାୟତକୁ ୧୯୮୯ ଅଗଷ୍ଟ ୧୪ରେ ରାଜ୍ୟ ସରକାର ବିଜ୍ଞାପିତ ଅଂଚଳର ମାନ୍ୟତା ପ୍ରଦାନ କରିଥିଲେ । ଅଂଚଳର ସାମଗ୍ରୀକ ବିକାଶ ଦିଗରେ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଥିଲେ ହେଁ ଏବେବି ଦୀପତଳ ଅନ୍ଧାର ପରି ପଠାଣି ସାମନ୍ତ ଜନ୍ମଭୂମି ଖଣ୍ଡପଡା ବିକାଶର ବହୁ ପଛରେ ରହିଥିବା ଦେଖାଯାଇଛି । ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ସହିତ ପ୍ରଶାସନିକ ଧଳାହାତୀଙ୍କ ସ୍ଥାଣୁତା ଯୋଗୁଁ ଖଣ୍ଡପଡା ଏକ ସହରାଚଂଳ ମାନ୍ୟତା ପାଇଥିଲେ ହେଁ ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭଳି ଲୋକଙ୍କ ସମସ୍ୟା ବହୁ ପରିମାଣରେ ବୃଦ୍ଧି ପାଇଥିବା ଦେଖାଯାଇଛି । ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ କ୍ଷୁଦ୍ର ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ, ଆରକ୍ଷୀ ଉପଅଧିକ୍ଷକଙ୍କ କାର୍ଯ୍ୟାଳୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ସହକାରୀ ଦୌରାଜଜଙ୍କ ଅଦାଲତ ସହିତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଦି କାର୍ଯ୍ୟ କରୁଥିବା ବେଳେ ବ୍ଲକରେ ୩ଟି ମହାବିଦ୍ୟାଳୟ ରହିଛି । ଖଣ୍ଡପଡା ପୋଲିସ ଉପ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଅଧିନରେ ଖଣ୍ଡପଡା, ଫତେଗଡ ଓ ଗଣିଆଁ ଆଦି ୩ଟି ଥାନା ସହିତ ୫ଟି ଫାଣ୍ଡି କାର୍ଯ୍ୟ କରୁଥିବାର ଜଣାଯାଇଛି । ଏତଦ୍ ବ୍ୟତୀତ ୮ଟିରୁ ଉର୍ଦ୍ଧ ଜାତୀୟ କରଣ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଥିବା ବେଳେ ଭାରତୀୟ ଜୀବନ ବୀମା ନିଗମର ଏକ ଶାଖା କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ସିଧାମୂଳାଠାରେ ମହାନଦୀ ସେତୁ ନିର୍ମାଣ ହେବା ପରେ ପଶ୍ଚିମ ଓଡିଶା ସହ ଦକ୍ଷିଣ ଓଡିଶାର ସମ୍ପର୍କ ସଡକ ପଥରେ ଯଥେଷ୍ଟ ବୃଦ୍ଧି ପାଇଛି । ଉକ୍ତ ରାସ୍ତା ଖଣ୍ଡପଡା ଦେଇ ଯାଇଥିବାରୁ ବର୍ହୀ ବାଣିଜ୍ୟ କ୍ଷେତ୍ରରେ ଓ ଯାତାୟତ କ୍ଷେତ୍ରରେ ଅନେକ ସୁବିଧା ଆଣି ପାରିଛି । ଏଠାରୁ ୧୩ କିଲୋ ମିଟର ଦୂରରେ ପୁରାଣ ପ୍ରସିଦ୍ଧ ନୀଳମାଧବଙ୍କ କ୍ଷେତ୍ର ଅବସ୍ଥିତ । ଦୈନିକ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକଙ୍କ ପ୍ରାୟତଃ ସମାଗମ ଲାଗି ରହିଥାଏ । ବନ ବିଭାଗ ପକ୍ଷରୁ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଏକ ୟୁକୋ ଟୁରିଜିମ ଓ ପ୍ରାକୃତିକ ପରିପାଟୀ ମଧ୍ୟରେ ପାନ୍ଥ ନିବାସ ଏବଂ ସହରାଚଂଳରେ ବିଶ୍ୱ ପ୍ରସିଦ୍ଧ ଜ୍ୟୋର୍ତିବିଜ୍ଞାନୀ ପଠାଣି ସାମନ୍ତଙ୍କର ଏକ ମିୟୁଜିୟମ୍ ନିର୍ମାଣ ହେବା ଦ୍ୱାରା ପ୍ରତ୍ୟେହ ରାଜ୍ୟ ମଧ୍ୟରୁ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ । ସେମାନେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ପଠାଣି ସାମନ୍ତଙ୍କ ବିଷୟରେ ଜ୍ଞାନ ଆହରଣ ନିମନ୍ତେ ଏଠାକୁ ଆସିଥାନ୍ତି । ପ୍ରତ୍ୟେହ ବିଭିନ୍ନ ସରକାରୀ କାର୍ଯ୍ୟରେ ଶହ ଶହ ଲୋକ ବହୁ ଦୂରଦୂରାନ୍ତରୁ ଖଣ୍ଡପଡାକୁ ମଧ୍ୟ ଆସିଥାନ୍ତି । ଏହାଛଡା ଖଣ୍ଡପଡାକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦେବା ନିମନ୍ତେ ଅଂଚଳବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ହେଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ସରକାରୀକଳର ଉଦାସୀନତା ଯୋଗୁଁ ଏହା ସମ୍ଭବ ହୋଇ ପାରିନାହିଁ । ଖଣ୍ଡପଡା ଓ ଭାପୁର ତହସିଲକୁ ନେଇ ଖଣ୍ଡପଡା ସବଡିଭିଜନ ମାନ୍ୟତା ପାଇଲେ ଅଂଚଳବାସୀ ବହୁ ସୁବିଧା ସୁଯୋଗ ହାସଲ କରିପାରିବେ ଓ ସମଗ୍ର ଖଣ୍ଡପଡା ଅଂଚଳର ଆର୍ଥିକ ମାନଦଣ୍ଡର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଉଛି ।

## ବାଂଲାଦେଶ ମୁକ୍ତି ଯୁଦ୍ଧର ୫୦ତମ ବିଜୟ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆୟୋଜିତ

ଭୁବନେଶ୍ୱର: ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଚଳିତବର୍ଷ ଦେଶବ୍ୟାପି ବାଂଲାଦେଶ ମୁକ୍ତି ସଂଗ୍ରମାର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଅଛି । ଏହି ଉପଲକ୍ଷେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟବ୍ୟାପି ଏହି ଉତ୍ସବ ପାଳନ କରାଯିବ । ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଠିତ ୫୦ ବର୍ଷ ପୂର୍ତ୍ତି ପାଳନ କମିଟି ବୈଠକ ଆଜି ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏଆଇସିସି ପୂର୍ତ୍ତି କମିଟି ଆବାହକ କ୍ୟାପଟେନ ପ୍ରବୀଣ ଡାଭର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ କରିବାକୁ କହିଥିଲେ । ତଦନୁଯାୟି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ତ୍ତି ଉତ୍ସବ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ପିସିସି ପକ୍ଷରୁ ଗଠିତ କମିଟିର ସଦସ୍ୟମାନେ ଯୋଗଦେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମ ସଂପନ୍ନ ହେବାପରେ ଏକ ରାଜ୍ୟସ୍ତରୀୟ ପୂର୍ତ୍ତି ଉତ୍ସବ ପାଳନ କରାଯିବ ଏବଂ ଏହି ଉତ୍ସବରେ ଏଆଇସିସି ପୂର୍ତ୍ତି କମିଟିର ଅଧ୍ୟକ୍ଷ ଶ୍ରୀ ଏକେ ଆଣ୍ଟୋନି ଯୋଗ ଦେବାକୁ ସ୍ଥିର କରାଯାଇଛି । ଏହି କ୍ରମରେ ଆସନ୍ତା କାଲି ତା ୨୮.୦୮.୨୦୨୧ ରିଖ ଦିବା ୧୦ ଘଂଟା ସମୟରେ ଯାଜପୁର ଜିଲ୍ଲାର ଜାରକା ପ୍ରୟାଗ ମଣ୍ଡପ ଠାରେ ଯାଜପୁର ଜିଲ୍ଲା ପକ୍ଷରୁ ପୂର୍ତ୍ତି ଉତ୍ସବ ପାଳନ କରାଯିବ । ଆଜିର ଏହି ବୈଠକରେ ପିସିସି ପୂର୍ତ୍ତି କମିଟିର ଅଧ୍ୟକ୍ଷ ଡ. ଦେବାଶିଷ ପଟ୍ଟନାୟକ, ସଂଯୋଜକ ଶ୍ରୀ ପଦ୍ମାକର ଗୁରୁ, ସଦସ୍ୟ ସର୍ବଶ୍ରୀ ଅଶୋକ କୁମାର ଦାସ, ଅମିୟ କୁମାର ପାଣ୍ଡବ, ରଣଜିତ କୁମାର ଦାସ, ମମତା କୁଣ୍ଡୁ, ନିମାଇଁ ସରକାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନବ ଦମ୍ପତିଙ୍କ ପକ୍ଷରୁ ସୋଲର ସ୍ଥିତ ଜରାଶ୍ରମରେ ଅନ୍ନସେବା




ନେଉଳପୁର: ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୋଲର ଗ୍ରାମର ପର୍ବତ ପାଦ ଦେଶରେ ଥିବା ଜରାଶ୍ରମକୁ ଆଜି କଟକ ସିଡ଼ିଏ ନିବାସୀ ସାରଦା ପ୍ରସନ୍ନ ଦଳାଇ ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ଦଳାଇ ନବ ଦମ୍ପତି ଭାବେ ପଂହଚିଥିଲେ । ତାଙ୍କ ସହିତ ତାଙ୍କ ପିତା ବିଷ୍ଣୁ ଚରଣ ଦଳାଇ, ମାତା କାଂଚନ ଦଳାଇ, ଧୃଜେନ୍ଦ୍ର ଦଳାଇ, ବସନ୍ତ ବେହେରା ସମେତ ଅନ୍ୟ ବନ୍ଧୁମାନେ ସେଠାରେ ପଂହଚିଥିଲେ । ତାଙ୍କ ବିବାହର ପୂର୍ତ୍ତି ଉତ୍ସବରେ ସାରଦା ଓ ସୁକନ୍ୟାର ଲକ୍ଷ୍ୟ ଥିଲା ସମାଜର ଅସହାୟ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ସେବା କାର୍ଯ୍ୟରେ ସହଯୋଗ କରିବା ପାଇଁ । ସେ ନେଇ ଜରାଶ୍ରମରେ ଥିବା ଅସହାୟ ବୃଦ୍ଧ, ବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ପୁରୁଷ ଓ ମହିଳା ୨୦୦ ଜଣଙ୍କୁ ଆଜି ଅନ୍ନ ଖାଦ୍ୟ ଦେଇ ସେବା କରିଥିଲେ । ସେଠାରେ ଥିବା ଗୋରୁ ଗାଈଙ୍କ ପାଇଁ ୫ ହଜାର ଅର୍ଥ ରାଶି ଜରାଶ୍ରମର ମୁଖ୍ୟ ପରିଚାଳକ ସୁରେଶ୍ ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କ ଠାରୁ ଆର୍ଶିବାଦ ଭିକ୍ଷା କରିଥିଲେ ।

## ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ମିଳୁ : ଏବିଭିପି

ଭୁବନେଶ୍ୱର: ରାଜ୍ୟେର ଡିପ୍ଲୋମା ୬ଷ୍ଠ ସେମିଷ୍ଟର ପରୀକ୍ଷାରେ ବିଭ୍ରାଟ ଦେଖାଦେଇଛି । ଅନଲାଇନରେ ପରୀକ୍ଷା ହୋଇଥିବା ଏହା ଅଧାରୁ ବନ୍ଦ ହୋଇଯାଇଛି । ୮୦ ମାର୍କର ପରୀକ୍ଷା ପାଇଁ ଦୁଇ ଘଂଟା ସମୟ ଥିବା ବେଳେ ପ୍ରଶ୍ନପତ୍ର ଆସିବାର ଏକ ଘଂଟା ପରେ ଅନଲାଇନରୁ ପଳାଇଛି । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଅନ୍ଧାକାରମୟ ହେବାକୁ ବସିଛି । ସେମାନଙ୍କ ମାନସିକ ସ୍ଥିତି ମଧ୍ୟ ଠିକ ନାହିଁ । ଦୁଇ ଘଂଟାରେ ପରୀକ୍ଷା ସମାପ୍ତ ହେବ ବୋଲି ସେମାନେ ପ୍ରସ୍ତୁତ ଥିବା ବେଳେ ଅଧା ସମୟରେ ପରୀକ୍ଷା ଶେଷ ହୋଇଯାଇଛି । ଯଦ୍ୱାରା ଅନେକ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇପାରନ୍ତି ।

## ଆବାସ ଯୋଜନା ହିତାଧିକାରୀ ତାଲିକାରୁ ବାଦ ପଡିଲେ ଭିନ୍ନକ୍ଷମ, ବିଧବା ମହିଳା

ଖଣ୍ଡପଡ଼ା: ଖଣ୍ଡପଡା ବ୍ଲକର ମର୍ଦ୍ଦରାଜପୁର ପଂଚାୟତ ଅଧିନ ବିଭିନ୍ନ ଗ୍ରାମରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ନିମନ୍ତେ ଯୋଗ୍ୟ ହିତାଧିକାରୀମାନଙ୍କର ତାଲିକା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି । ତେବେ ଉକ୍ତ ତାଲିକାରେ ଅନେକ କୋଠାବାଡି, ଏକରଏକର ଜମି ଥିବାବାଲାଙ୍କ ନାମ ରହିଛି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ପୂର୍ବରୁ ପ୍ରସ୍ତୁତ ହିତାଧିକାରୀ ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କ ନାମ ସ୍ଥାନ ପାଇଥିବା ବେଳେ ଏବେ ସଦ୍ୟ ପ୍ରକାଶିତ ତାଲିକାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ନଥିବା ନେଇ ଅଭିଯୋଗ ଉଠିଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ମର୍ଦ୍ଦରାଜପୁର ଗ୍ରାମର ଭିନ୍ନକ୍ଷମ ବିଧବା ମହିଳା ବେଙ୍ଗ ରାଉତଙ୍କ ନାମ ବାଦ ଦିଆଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏ ସଂପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି । ଏଥିପ୍ରତି ଖଣ୍ଡପଡା ବିଡିଓ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ମର୍ଦ୍ଦରାଜପୁର ପଂଚାୟତ ଅଧିନ ଚାଉପଲ୍ଲୀ ଗ୍ରାମର କୋଠାଘର ଥିବା କେତେକ ବ୍ୟକ୍ତି ବିଶେଷଙ୍କ ନାମ ଆବାସ ଯୋଜନା ହିତାଧିକାରୀ ତାଲିକାରେ ସ୍ଥାନୀତ ହୋଇଥିବା ଅଭିଯୋଗ ହେଉଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କୁ ବାଦ ଦେଇ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



## ଇଂ ରିକୁର ୭ମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ




ନେଉଳପୁର: ରିକୁ ମେମୋରିଆଲ୍ ଟ୍ରଷ୍ଟ ଓ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ ଆନୁକୁଲ୍ୟରେ ଆଜି ରିକୁର ସ୍ମୃତି ଉଦ୍ଦେଶ୍ୟରେ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ୭ମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଶ୍ରାଦ୍ଧ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଲଳିତେନ୍ଦୁ ଦାସ ମୁଖ୍ୟ ଅତିଥି ଭାବେ, ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ ପ୍ରଦୀପ୍ତ କୁମାର ଦାସ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଚିତ ରଂଜନ ସାହୁ, ଅଧ୍ୟାପକ ଡ଼ଃ ବିଶ୍ୱନାଥ ଦାସ, ଅବସର ପ୍ରାପ୍ତ ଅଧ୍ୟକ୍ଷ ରବିନ୍ଦ୍ର ନାଥ ସାମଲ ଓ ରିକୁ ମେମୋରିଆଲ୍ ଟ୍ରଷ୍ଟର ଅଧକ୍ଷ ରୁଦ୍ର ପ୍ରସନ୍ନ ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅଧାପକ ବିଶ୍ୱନାଥ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଇଂ ରିକୁର ମୃତ୍ୟୁ ପରେ ତା ସ୍ମୃତି ଉଦ୍ଦେଶ୍ୟରେ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ସାହାସପୁର ମହାବିଦ୍ୟାଳୟ, ଏରକଣା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁର, ବରଦା ଠାରେ ଏକ ବହିଘର ଓ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତି ନିର୍ମାଣ କରାଯାଇଛି ଓ ଚେନ୍ନାଇ ସ୍ଥିତ ଶଙ୍କର ନେତ୍ର ଚିକିତ୍ସାଳୟ କେନ୍ଦ୍ରକୁ ୫୦ ହଜାର ଅର୍ଥ ରାଶି ପ୍ରଦାନ କରାଯାଇଛି ଚକ୍ଷୁରୋଗୀଙ୍କ ସେବା ପାଇଁ । ରିକୁ ଇଂଜିନିରିଂ ପାଠ ପଢ଼ି ସାରି ତାର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ଓ ଗ୍ରାମାଂଚଳରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ । ଆଜି ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସମସ୍ତଙ୍କୁ ଭଲ ପାଇବା ଓ ସେବା କରିବା କାର୍ଯ୍ୟକ୍ରମକୁ ଆଧାର କଲେ ସେମାନେ ଆସନ୍ତାକାଲି ଭଲ ମଣିଷ ହୋଇ ସୁନାମ ଅର୍ଜନ କରି ପାରିବେ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ୩ୟ ବର୍ଷ ଛାତ୍ରୀ ଲିପା ସାହୁ ବେଷ୍ଟ ଓଡ଼ିଆ ଅନରସ୍, ଅନ୍ୟ ଏକ ଛାତ୍ରୀ ଲିପା ସାହୁ ବେଷ୍ଟ ଗ୍ରାଜୁଏଟ୍, ରୁଚିପ୍ରଭା ମିଶ୍ର ଇତିହାସରେ ସର୍ବୋଚ୍ଚ ନମ୍ବର, +୨ କଳାରେ ସୁଭଦ୍ରା ରାଉତ ଓ ପୂର୍ଣ୍ଣଚନ୍ଦ୍ର ସାମଲ ଅଧିକ ନମ୍ବର ରଖିଥିବାରୁ ସେମାନଙ୍କୁ ରିକୁ ମେମୋରିଆଲ୍ ଟ୍ରଷ୍ଟ, ଲୋକନାଥ ସାହୁ ମେମୋରିଆଲ, ରଘୁନାଥ ସାହୁ ମେମୋରିଆଲ, ସତ୍ୟଭାମା ମେମୋରିଆଲ ଓ ମାଳତୀ ସାହୁ ମେମୋରିଆଲ୍ ପକ୍ଷରୁ ଅର୍ଥ ରାଶି, ପୁଷ୍ପଗୁଚ୍ଛ ସହିତ ଏକ ସାର୍ଟିଫିକେଟ୍ ଅତିଥିମାନେ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପକ ନିରଜଂନ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ, ବିଭିନ୍ନ ମହଲରେ ଶୋକ



ବଡଚଣା,(ପିଏନ): ବଡଚଣା ବ୍ଲକ ବନ୍ତଳା ପଂଚାୟତର ଆଦର୍ଶ ଶିକ୍ଷକ ହୃଷିକେଶ ପତି(୭୯)ଙ୍କ ହୃଦଘାତରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରୀତ ହେବା ପରେ ବହୁ ପୁରାତନ ଛାତ୍ର ଓ ସ୍ଥାନୀୟ ସରପଂଚ ବୈରୀମାଳ(ବରୀ-ଠେଙ୍ଗଡ)ସ୍ଥ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଶିକ୍ଷକତା କାଳରେ ବହୁ ଆଦର୍ଶ ଓ ପ୍ରତିଭାବାନ ଛାତ୍ର ସୃଷ୍ଟି କରିବାରେ ତାଙ୍କ ଭୂମିକା ଅତୁଳନୀୟ । ସେ ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବରେ ସମଗ୍ର ଅଂଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗ ଶିକ୍ଷାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବହୁ ଶିକ୍ଷାବିତ ମତବ୍ୟକ୍ତ କରିଛନ୍ତି । ମରଶରୀରକୁ କରୋନା କଟକଣା ମଧ୍ୟରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ ।

## ଟାଟା ସ୍କାଏ ପକ୍ଷରୁ ମେକ୍-ଇନ୍-ଇଣ୍ଡିଆ ସେଟ୍-ଟପ୍ ବକ୍ସର ପ୍ରଥମ ବ୍ୟାଚ୍ ଉନ୍ମୋଚିତ




ଭୁବନେଶ୍ୱର : ଭାରତର ଅଗ୍ରଣୀ ଡିଟିଏଚ୍ ଅପରେଟର୍ ଟାଟା ସ୍କାଏ, ଭାରତରେ ସେଟ୍-ଟପ୍ ବକ୍ସର ଉତ୍ପାଦନ କରିବା ନେଇ ନିଜର ପ୍ରତିଶ୍ରୁତିକୁ ପାଳନ କରିଛି । ୨୦୨୧ ଆର୍ଥିକ ବର୍ଷରେ କରାଯାଇଥିବା ଘୋଷଣା ଅନୁଯାୟୀ, ଟାଟା ସ୍କାଏର ଭାରତ ନିର୍ମିତ ସେଟ୍-ଟପ୍ ବକ୍ସଗୁଡିକୁ ଟେକ୍ନିକଲର୍ କନେକ୍ଟେଡ୍ ହୋମ୍ ଓ ଫ୍ଲେକ୍ସଟ୍ରୋନିକ୍ସ ସହ ସହଭାଗିତାରେ ଉତ୍ପାଦନ କରାଯାଉଛି ।ଏହି ସଫଳତା ସମ୍ପର୍କରେ ଟାଟା ସ୍କାଏର ଏମ୍‌ଡି ଓ ସିଇଓ ହାରିତ୍ ନାଗ୍‌ପାଲ କହିଛନ୍ତି, ନ୍ତ ଏହି ଭାରତ ନିର୍ମିତ ସେଟ୍-ଟପ୍ ବକ୍ସଗୁଡିକ ଲିଡ୍ ଟାଇମ୍ ହ୍ରାସ କରି ନିଯୁକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିବେ । ଏହି ବକ୍ସଗୁଡିକୁ ଗୁଣବତା ସୁନିଶ୍ଚିତ କରିବା ପାଇଁ ଫ୍ୟାକ୍ଟ୍ରି ବାହାରେ ବାରମ୍ବାର ପରୀକ୍ଷଣ କରାଯାଇଛି ଏବଂ ଆମେ ଆଶା କରୁଛୁ ଯେ, ଏହି ପ୍ରୟାସ ଆମକୁ ଭାରତୀୟ ଉପଭୋକ୍ତାମାନଙ୍କୁ ଅଧିକ ଉନ୍ନତ ଭାବେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ ।ନ୍ତ ଏହି ପ୍ରକଳ୍ପକୁ ଟାଟା ସ୍କାଏ ଏବଂ ସେଟ୍-ଟପ୍ ବକ୍ସର ଅଗ୍ରଣୀ ପ୍ରଦାତା ଓ ବିଶ୍ୱବ୍ୟାପୀ ନେଟ୍‌ୱର୍କ ସର୍ଭିସ୍ ପ୍ରୋଭାଇଡର୍ (ଏନ୍‌ଏସ୍‌ପି)ଙ୍କ ପାଇଁ ବ୍ରଡ୍‌ବ୍ୟାଣ୍ଡ ଆକ୍ସେସ୍ ସଲ୍ୟୁସନ୍ସ ଟେକ୍ନିକଲର୍ କନେକ୍ଟେଡ୍ ହୋମ୍ ମଧ୍ୟରେ ଦୀର୍ଘସ୍ଥାୟୀ ସହଭାଗିତା ଉପରେ ନିର୍ମାଣ କରାଯାଇଛି । ଏସମ୍ପର୍କରେ ଟେକ୍ନିକଲର୍ କନେକ୍ଟେଡ୍ ହୋମ୍‌ର ଅଧକ୍ଷ ଲୁଇସ୍ ମାର୍ଟିନେଜ୍-ଆମାଗୋ କହିଛନ୍ତି, ନ୍ତ ଆଜିର ଖବର ଅଗଷ୍ଟ ୨୦୨୦ରେ ବର୍ଣ୍ଣିତ ଲକ୍ଷ୍ୟଗୁଡିକର ସଫଳତାକୁ ଚିହ୍ନିତ କରୁଛି, ଯେଉଁଥିରେ ଟାଟା ସ୍କାଏ ଓ ଟେକ୍ନିକଲର୍ କନେକ୍ଟେଡ୍ ହୋମ୍ ଭାରତରେ ଆଣ୍ଡ୍ରଏଡ୍ ଟିଭି-ଆଧାରିତ ବି୍+ ସେଟ୍-ଟପ୍ ବକ୍ସ ସମେତ ଏସ୍‌ଟିବିଗୁଡିକର ଉତ୍ପାଦନ ଓ ବିତରଣକୁ ସ୍ଥାନାନ୍ତର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଟେକ୍ନିକଲର୍ କନେକ୍ଟେଡ୍ ହୋମ୍ ଦ୍ୱାରା ଟାଟା ସ୍କାଏ ପାଇଁ ବିକଶିତ କରାଯାଇଥିବା ସେଟ୍-ଟପ୍ ବକ୍ସଗୁଡିକର ଏହି ବହୁଳ ଉତ୍ପାଦନ ଫ୍ଲେକ୍ସଟ୍ରୋନିକ୍ସ ସହିତ ସହଭାଗିତାରେ ଜୁନ୍ ୨୦୨୧ରେ ଚେନ୍ନାଇଠାରେ ଆରମ୍ଭ ହୋଇଥିଲା । ଟେକ୍ନିକଲର୍ କନେକ୍ଟେଡ୍ ହୋମ୍ ଟାଟା ସ୍କାଏକୁ ଏକ ଉନ୍ନତ ସ୍ତରର ସେବା ଏବଂ ଭାରତୀୟ ବଜାରରେ ସବ୍‌ସ୍କ୍ରାଇବର୍‌ମାନଙ୍କ ପାଇଁ ଗ୍ରାହକ ପରିସର ଉପକରଣ ପ୍ରଦାନ କରିବା ପାଇଁ ସକ୍ଷମ କରିବା ଲାଗି ନିଜର ସର୍ବୋତମ ଶ୍ରେଣୀର ଯୋଗାଣ ଶୃଙ୍ଖଳାର ବ୍ୟବହାର କରୁଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray